## ସଂକ୍ଷେପରେ

### ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

ଆସିକା ୨୬।୮ (ସୁରେନ୍ଦ୍ର ନାଥ ସାହୁ) : ଆସିକା ଏନ୍‌ଏସିର ବିନାୟକ ବଜାରସ୍ଥିତ ଭାଗବତ ମଠରେ ସୋମବାର ବିଶ୍ୱହିନ୍ଦୁ ପରିଷଦର ୬୦ତମ ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଥିଲା। ଘୁମୁସର ଜିଲା ସମ୍ପାଦକ ବଟକୃଷ୍ଣ ପଣ୍ଡା ଓ ମହନ୍ତ ଅଶୋକ ଦାସ ମହାରଜ, ଘୁମୁସର ଜିଲା ସହ ସଂଘ ଚାଳକ ବିଶ୍ୱନାଥ ସେଠୀ, ନଗର ସଭାପତି ବିମ୍ବାଧର ପାତ୍ର, ଶିବରାମ ମହାରଣା, ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବିଶ୍ୱହିନ୍ଦୁ ପରିଷଦର ବହୁମୁଖୀ କାର୍ଯ୍ୟକ୍ରମ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତ୍ୟାଗପୁତ ଜୀବନ ଶୈଳି ସମ୍ପର୍କରେ ଆଲୋଚନା କରିଥିଲେ।

### ଲକ୍ଷପତି ଦିଦିଙ୍କୁ ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ

ଜି.ଉଦୟଗିରି, ୨୬।୮ (ଶିଶିର ପଟ୍ଟନାୟକ) ଜି.ଉଦୟଗିରି ବ୍ଲକ ସଭାଗୃହରେ ଲକ୍ଷପତି ଦିଦିଙ୍କୁ ଉତ୍ସାହିତ କରିବା ପାଇଁ ସାର୍ଟିଫିକେଟ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ମନୋଜ କୁମାର ଦେବତା, ଏମ୍‌ପି ପ୍ରତିନିଧି ନବ କିଶୋର ପ୍ରଧାନ, ମିଶନ ଶକ୍ତି ଜିଲା ସଭାନେତ୍ରୀ କୁମୁଦିନୀ ଦିଗାଳ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଏମ୍‌ବିକେ, ସିଆର୍‌ପି, ବିଏମଏମୟୁ ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିପିଓ ଅକ୍ଷୟ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ୨୫ ଜଣ ଏସ୍‌ଏଚ୍‌ଜି ମହିଳାଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା।

### ରାଜ୍ୟସ୍ତରୀୟ ଡ୍ୟାନ୍ସ ପ୍ରତିଯୋଗିତା

ଛତ୍ରପୁର, ୨୬।୮ (ସନ୍ତୋଷ ପାଢ଼ୀ) ଛତ୍ରପୁର ସ୍ଥିତ ଜିଲାସଂସ୍କୃତି ଭବନ ପରିସରରେ ନ୍ୟୁ ଟ୍ୟାଲେଣ୍ଟସ ଡ୍ୟାନସ ଗ୍ରୁପ ପକ୍ଷରୁ ରାଜ୍ୟସ୍ତରୀୟ ଡ୍ୟାନସ ପ୍ରତିଯୋଗିତା ବନାମ ଡ୍ୟାନସ ନାଇଟ ମେଗା-ଶୋ ଆୟୋଜିତ ହେଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ-ପ୍ରତିଭାଙ୍କ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ ପରିବେଷଣରେ ଅଗଣିତ ଦର୍ଶକ ବିମୋହିତ ହୋଇଥିଲେ। ଏହି ନାଇଟ ମେଗା-ଶୋ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ପ୍ରତିଭାଙ୍କ ଉଚ୍ଚକୋଟୀ ର ନୃତ୍ୟାଭିନୟ ପ୍ରଦର୍ଶନରେ ଭୂୟସୀ ପ୍ରଶଂସା କରିଥିଲେ। ସାମାଜିକ କର୍ମୀ ବି.ଶଙ୍କର ରେଡ୍ଡୀ, ପ୍ରିନ୍ସ ଡେନ୍ସ ଗ୍ରୁପର ନିର୍ଦ୍ଦେଶକ ଟି.କ୍ରିଷ୍ଣା ମୋହନ ରେଡ୍ଡୀ ପ୍ରମୁଖ ଯୋଗଦାନ କରିଥିଲେ। ଏକ ଦିନାତ୍ମକ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ବିଧାୟକ ପୁରସ୍କୃତ କରିଥିଲେ।

# ଇଭିଏମ୍ ବଦଳରେ ବାଲଟ୍‌ରେ ନିର୍ବାଚନ କରିବାକୁ ଦାବି

ଭଞ୍ଜନଗର, ୨୬।୮ (ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାର ପକ୍ଷରୁ ରବିବାର କୁର୍ମି କ୍ଷତ୍ରିୟକୁଳ ଘରେ ତିନି ଫୌଜଦାରି ଆଇନ ଓ ନାଗରିକ ଅଧିକାର ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ସଭାରେ ବ୍ରହ୍ମପୁର ବାର ଆସୋସିଏଶନର ବରିଷ୍ଠ ଆଇନଜୀବୀ ଭଗବାନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ତିନି ଫୌଜଦାରି ଆଇନ ନାଗରିକମାନଙ୍କ ଅଧିକାରକୁ ସୁରକ୍ଷା ଦେବାରେ ବ୍ୟର୍ଥ ହୋଇଛି ବୋଲି କହିଥିଲେ। ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ପୁରସ୍କାରପ୍ରାପ୍ତ ପ୍ରଫୁଲ୍ଲ ସାମନ୍ତରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗତ ସାଧାରଣ ନିର୍ବାଚନରେ କିଭଳି ଇଭିଏମ୍ ମେଶିନରେ ଜାଲିଆତି ହୋଇଛି ସେନେଇ ସୂଚନା ଦେଇଥିଲେ।


ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥି।

- ନୂତନ ଫୌଜଦାରୀ ଆଇନ ନାଗରିକଙ୍କୁ ସୁରକ୍ଷା ଦେବାରେ ବ୍ୟର୍ଥ
- ଏଥିରେ କୌଣସି ନୂତନତ୍ୱ ନାହିଁ

ସେ କହିଥିଲେ, ଗତ ନିର୍ବାଚନରେ ଇଭିଏମ୍‌ରେ ଜାଲିଆତି ଏବଂ ଗଣତିରେ ଅସାମଞ୍ଜସ୍ୟ ଯୋଗୁ ଦେଶର ୪ଶହ ଏମ୍‌ପି ସିଟ୍‌ରେ ୪କୋଟି ୬୫ ଲକ୍ଷ ୪୬ ହଜାର ୮୮୫ ଭୋଟ ଅଧିକ ହୋଇଛି। ଏହାଦ୍ୱାରା ୭୯ଟି ଏମ୍‌ପି ଶିଟ୍‌ରେ ନିର୍ବାଚନ ଫଳାଫଳ ପ୍ରଭାବିତ ହୋଇଛି। ସେଥିମଧ୍ୟରେ ଓଡ଼ିଶାର ୧୮ ସିଟ୍ ଅଛି। ଇଭିଏମ୍ ବଦଳରେ ବାଲଟ୍ ପେପରରେ ନିର୍ବାଚନ କରିବା ପାଇଁ ସାମନ୍ତରା ଦାବି କରିଥିଲେ। ଭଞ୍ଜନଗର ବାର ଆସୋସିଏଶନର ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ କହିଥିଲେ, କେନ୍ଦ୍ର ସରକାର ଆଣିଥିବା ନୂଆ ଆଇନରେ କୌଣସି ନୂତନତ୍ୱ ନାହିଁ। ଆଇନଜୀବୀ ଅଭିମନ୍ୟୁ ଗୌଡ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିଟ୍ ଆଣ୍ଡ ରନ୍ ଆଇନ ଦ୍ୱାରା ଗରିବ ଗାଡ଼ି ଚାଳକଙ୍କ ଜୀବିକା ପ୍ରଭାବିତ ହୋଇଛି ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଚରଣ ପ୍ରଧାନ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ ପ୍ରଫୁଲ୍ଲ ସାମନ୍ତରାଙ୍କ ତ୍ୟାଗ, ଆଦିବାସୀ ଓ ଅନଗ୍ରସର ଲୋକଙ୍କ ଭୂମି ଅଧିକାର ପାଇଁ ତାଙ୍କର ଲଢ଼େଇ ଅତୁଳନୀୟ ବୋଲି କହିଥିଲେ। ଆଇନଜୀବୀ ରମେଶ ପଣ୍ଡା, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଅଶୋକ ଗୌଡ଼, ଅଳକା ମଞ୍ଜରୀ ପଟ୍ଟନାୟକ, ମନୋଲିମା ଗୌଡ, ମନୋଜ ଭୂୟାଁ, ଲକ୍ଷ୍ମୀ ରାଉତ, ଶୁଭ୍ରମନୁ ରାଓ, କୁର୍ମି କ୍ଷତ୍ରିୟ ଅଞ୍ଚଳ ସମ୍ପାଦକ ବୈଦ୍ୟନାଥ ପ୍ରଧାନ, ପ୍ରଦେଶ ସମ୍ପାଦକ ବିଶ୍ୱନାଥ ରାଉତ, ତାରିଣୀ ନାୟକ, ଯୁଧିଷ୍ଠିର ଗୌଡ଼, ବିକଳ ପାତ୍ର, ସୁରେନ୍ଦ୍ର ପଟ୍ଟନାୟକ, ବିପ୍ର ଚରଣ ନାୟକ, ସୁରେନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଜଲେଶପଙ୍କାରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧ ବାର୍ଷିକ

ଫୁଲବାଣୀ/ତୁମୁଡିବନ୍ଧ, ୨୬/୮ (ରାକେଶ କୁମାର ରାଉତ /ଦୀପକ ପରାସେଠ)



କନ୍ଧମାଳ ଜିଲା ତୁମୁଡିବନ୍ଧ ସ୍ଥିତ ଜଲେଶପଙ୍କା ଆଶ୍ରମରେ ସୋମବାର ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଷୋଡ଼ଶ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଛି। ଛାତ୍ରୀ ସାଧୁ ସନ୍ଥ ଓ ଅନୁଗାମୀମାନେ ସକାଳ ୬ଟା ୩୦ରେ ଗୀତା ପାଠ ଓ ଗୋ ପୂଜା ସୂର୍ଯ୍ୟ ପୂଜାପରେ କଳସ ଶୋଭାଯାତ୍ରାରେ ବାହାରି ରାହୁଲ ନଦୀ କୂଳକୁ ଯାଇଥିଲେ। ସେଠାରୁ ଜଳ ଲାଗି କରି ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତିରେ ଜଳାଭିଷେକ କରିଥିଲେ। ଜନ୍ମାଷ୍ଟମୀ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧ ବାର୍ଷିକୀରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ସ୍ୱାମୀଜୀଙ୍କ ସ୍ମୃତି ଚାରଣ କରିଥିଲେ। ଯେଉଁମାନେ ହତ୍ୟାକାରୀ ସେମାନଙ୍କୁ ଧରିବା ପାଇଁ ସିବିଆଇକୁ ମାମଲା ହସ୍ତାନ୍ତର କରାଯିବ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ କକ୍ଷରେ ପହଂଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସ୍ୱାମୀଜୀଙ୍କ ବଳିଦାନ ଭୂମିରେ ଆୟୋଜିତ ବିଶ୍ୱ ଶାନ୍ତି ଯଜ୍ଞ ମଣ୍ଡପରେ ପହଞ୍ଚି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲିକଙ୍କ ସମେତ ବହୁ ସ୍ୱାମୀଜୀଙ୍କ ଅନୁଗାମୀ ଉପସ୍ଥିତ ଥିଲେ।

# ଅପମିଶ୍ରିତ ମଦ ଜବତ, ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, ୨୬।୮ (ଅଶେଷ ନାଥ ମିଶ୍ର) ବେଆଇନ ଭାବେ ଅପମିଶ୍ରିତ ରନ୍ଧା ଦେଶୀମଦ ବିକ୍ରି କରିବା ଅଭିଯୋଗରେ ଦିଗପହଣ୍ଡି ପୋଲିସ ସୋମବାର ମହୁଡ଼ା ନିକଟ ବିକାଶପୁର ଗ୍ରାମର ଗଣେଶ ମଲିକ ଏବଂ ଉଜ୍ଜଳ ମଲିକଙ୍କୁ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ.୩୨୮/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ରବିବାର ସକାଳେ ଦିଗପହଣ୍ଡି ଥ ପୋଲିସ ବନ୍ଥପଲ୍ଲୀ, ମହୁଡ଼ା, ବିକାଶପୁର, ଢେପାଗୁଡ଼ା ଏବଂ ଆଖପାଖ ଇଲାକାରେ ପାଟ୍ରୋଲିଂ କରୁଥିବା ବେଳେ ଢେପାଗୁଡ଼ା ଗ୍ରାମରେ ଗଣେଶ ଏବଂ ତାଙ୍କ ସହଯୋଗୀ ଉଜ୍ଜଳ ବେଆଇନ ଭାବେ ଅପମିଶ୍ରିତ ରନ୍ଧା ଦେଶୀମଦ ବିକ୍ରି କରୁଥିବା ଖବର ପାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ପୋଲିସ ଟିମ୍ ଢେପାଗୁଡ଼ା ଗ୍ରାମରେ ରହୁଥିବା ଗଣେଶଙ୍କ ବାଡ଼ିପଟେ ଚଢାଉ କରି ଖାନ ତଲାସ କରିବାରୁ ଏକ ପ୍ଲାଷ୍ଟିକ ଜାରକିନରେ ୧୦ ଲିଟର ଅପମିଶ୍ରିତ ମଦ, ୩୦ ଲିଟର ମହୁଆ ମଦ ପୋଚ ଏବଂ ୨୦ ଲିଟର ବିଶିଷ୍ଟ ୨ ଟି ଖାଲି ପ୍ଲାଷ୍ଟିକ ଜାରକିନ୍ ଜବତ କରିଥିଲେ। ପୋଲିସ ଚଢାଉ କରିଥିବା ଜାଣି ୨ ଅଭିଯୁକ୍ତ ସେଠାରୁ ଫେରାର ହେବାପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ଉଭୟଙ୍କୁ ମାଡ଼ି ବସିଥିଲେ। ଉଭୟଙ୍କୁ ପଚରା ଉଚୁରା କରିବାରୁ ନିକଟସ୍ଥ ଘଞ୍ଚ ଜଙ୍ଗଲରେ ମହୁଆ ଗୁଡ଼ ପୋଚ, ରାଜ ପିଡ଼ିଆ ଓ ଅଧିକ ନିଶାଯୁକ୍ତ ହେବାପାଇଁ ସେଥିରେ କେନ୍ଦୁପତ୍ର ଏବଂ ବିଭିନ୍ନ ଗଛର ଚେରମୂଳି ପକାଇ ଦେଶୀମଦ ପ୍ରସ୍ତୁତ କରି ଗାଁ ଗୁଡ଼ିକରେ ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଥିଲେ।

# ଅଳ୍ପ ବର୍ଷାରେ ପାହାଡ଼ରୁ ଧସୁଛି ମାଟି

ଗୁମ୍ମା, ୨୬।୮ (ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକର ଉପାନ୍ତ ଅଞ୍ଚଳ ହେଉଛି ଅଜୟଗଡ଼। ଅଜୟଗଡ଼ -ନାମନଗଡ଼ ଯିବା ରାସ୍ତାରେ ଅଳ୍ପ ବର୍ଷାରେ ପାହାଡରୁ ମାଟି ଅତଡା ସହ ବଡ଼ବଡ଼ ପଥର ଧସିଯାଉଛି। ସରକାର ପାହାଡ଼ିଆ ଜନବସତିରେ ବସବାସ କରୁଥିବା ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ବହୁ ଅର୍ଥ ବ୍ୟୟ କରୁଥିଲେ ସୁଦ୍ଧା ଏଥିରୁ ଲୋକେ ବିଶେଷ ସୁଫଳ ପାଉନାହାନ୍ତି।


ଧସିଥିବା ପାହାଡ଼

ପାହାଡ଼ ମଧ୍ୟରେ ନିର୍ମିତ ଏହି ରାସ୍ତା ଅଜୟଗଡ଼ରୁ ନାମନଗଡ଼ ଦେଇ ପାରଳାଖେମୁଣ୍ଡିକୁ ସଂଯୋଗ ହୋଇଛି। ରାସ୍ତାରେ ଡ୍ରେନେଜ୍ କିମ୍ବା ଗାର୍ଡୱାଲ୍ ବ୍ୟବସ୍ଥା ନାହିଁ। ଫଳରେ ବର୍ଷା ଦିନେ ରାସ୍ତା ଉପରୁ ପାହାଡ଼ରୁ ମାଟି ଧସି ଆସୁଛି। ୩ଟି ପଞ୍ଚାୟତବାସୀଙ୍କ ଜୀବନରେଖା ପାଲଟିଥିବା ଏହି ରାସ୍ତାରେ ପ୍ରତ୍ୟେହ ବହୁ ସଂଖ୍ୟାରେ ଲୋକେ ନିର୍ଭର କରନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପୋଖରୀରେ ବୁଡ଼ି ମହିଳା ମୃତ

ହିଞ୍ଜିଳିକାଟୁ, ୨୬।୮ (ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ନରେନ୍ଦ୍ରପୁର ଗ୍ରାମ ପୋଖରୀରେ ବୁଡି ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଭଗବାନ ପ୍ରଧାନଙ୍କ ସ୍ତ୍ରୀ ଲୀଳାବତୀ (୫୭)। ସୋମବାର ସକାଳେ ଲୀଳାବତୀ କାମ କରିବାକୁ ଚାଷ ଜମିକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସନ୍ଧ୍ୟାରେ ଗ୍ରାମବାସୀ ପୋଖରୀରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ହିଞ୍ଜିଳି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ହିଞ୍ଜିଳି ପୋଲିସ ନଂ. ୨୮/୨୪ରେ ଏକ ମାମଲା ରୁଜୁ ହୋଇଛି।

# ଗୋଷାଣି ନୂଆଗାଁରେ ଭାଜପା ସମାବେଶ

ବ୍ରହ୍ମପୁର, ୨୬।୮ (ନରସିଂହ ସାହୁ): ଭାଜପା ଗୋଷାଣି ନୂଆଗାଁ ମଣ୍ଡଳ ଶାଖା ପକ୍ଷରୁ ସୋମବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନୂଆ ସଦସ୍ୟତା ନେଇ ଅଭିଯାନରେ ଯୁବ ଗୋଷ୍ଠୀକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଛି। ନୂଆ ଛାତ୍ରୀଛାତ୍ରଙ୍କୁ ଭାଜପାର ରାଜନୈତିକ ଆଦର୍ଶ ନେଇ ସଚେତନ କରାଇବାକୁ ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କୁ କୁହାଯାଇଛି। ଏଥିରେ ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି ଡ଼ା. ସୁବାସ ସାହୁ ଓ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଏବଂ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାକୁ ଭିତ୍ତିକରି ସବୁ ମଣ୍ଡଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଗୋଷାଣି ନୂଆଗାଁ ମହାନଗର ଅଞ୍ଚଳରେ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଲୋକଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରି ଦଳକୁ ମଜଭୁତ କରିବା, ସଦସ୍ୟତା ସଂଖ୍ୟା ବୃଦ୍ଧି କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଚୌଧୁରୀ ଅଧ୍ୟକ୍ଷତା କରି ସଦସ୍ୟତା ଅଭିଯାନ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜୋନାଲ ମିଡିଆ ସେଣ୍ଟର ସଂଯୋଜକ ସୁନୀଲ କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ବ୍ରହ୍ମପୁର ମହାନଗର ପ୍ରଭାରୀ ଇଂ. ରାମ ପ୍ରସାଦ ସାମଲ, ଜିଲା ସମ୍ପାଦକ ବାଳକୃଷ୍ଣ ସାମନ୍ତରାୟ, ବରିଷ୍ଠ ନେତା ରବିନ୍ଦ୍ର ସାହୁ, ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତା ଦାସ, ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବନ ସୁରକ୍ଷା ସମିତି ଗୃହ, ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ

ବୁଗୁଡ଼ା, ୨୬।୮ (କାଳିଚରଣ ଦାଶ) ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବିରଞ୍ଚିପୁର ପଞ୍ଚାୟତର କତକଲା ଗ୍ରାମରେ ସୋମବାର ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଓଡ଼ିଶା ସରକାରଙ୍କ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ନିର୍ମିତ ଶତପ୍ରତିଶତ ଘରୋଇ ପାନୀୟ ଜଳଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏଥିସହ ଗ୍ରାମ ମଧ୍ୟରେ ବୁଗୁଡ଼ା ବନ ବିଭାଗର ବନ ସୁରକ୍ଷା ସମିତିର ନୂତନ ଗୃହକୁ ମଧ୍ୟ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର


ଦୁଇ ଉନ୍ନୟନ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ।

ମହିଳାମାନଙ୍କ ଅଭାବ ଅସୁବିଧା ବିଷୟରେ ମଧ୍ୟ ସେ ଆଲୋଚନା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଜଳ ଯୋଗାଣ ଓ ପରିମଳ ବିଭାଗୀୟ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ଏ. ରାମା ରାଓ, ବ୍ଲକକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସସ୍ମିତା କର, କନିଷ୍ଠ ଯନ୍ତ୍ରୀ ଗୀତାଞ୍ଜଳି ନାୟକ ଓ ପ୍ରସନ୍ନ କୁମାର ସାହୁ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଚୋରି ଅଭିଯୋଗରେ ଜଣେ କୋର୍ଟ ଚାଲାଣ

ଆସିକା, ୨୬।୮ (ସୁରେନ୍ଦ୍ର ନାଥ ସାହୁ) କୋଦିନେଡ଼ା ଥାନା ବାବନପୁର ପଞ୍ଚାୟତ ଇଲାକାରେ ଥିବା ଏକ କୁକୁଡ଼ା ଫାର୍ମରୁ ଅଣ୍ଡା ଚୋରି ଅଭିଯୋଗରେ ସୋମବାର ପୋଲିସ ବାବନପୁର ଗ୍ରାମର ପୀତବାସ ନାୟକଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ କୋଦିନେଡ଼ା ଥାନାରେ ନଂ. ୨୩୦/୨୪ରେ ଏକ ମାମଲା ରୁଜୁ ହୋଇଛି। ପୂର୍ବରୁ ଏହି ଫାର୍ମରୁ ଅଣ୍ଡା ଚୋରି ହୋଇଥିବା ବେଳେ ରବିବାର ପୁଣି ୮୪୦ଟି ଅଣ୍ଡା ଚୋରି ହେବା ପରେ କୁକୁଡ଼ା ଫାର୍ମ ମାଲିକ ସରୋଜ କୁମାର ପାତ୍ର ପୋଲିସକୁ ଜଣାଇଥିଲେ।


ନାବ୍ୟଜଳ NINI

**SEA SPRINT SERVICES PRIVATE LIMITED**
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

NATIONAL INLAND NAVIGATION INSTITUTE

**TENDER NOTICE**
No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.
SSSPL


# ଲାଉପୁଟ ଗ୍ରାମ ରାସ୍ତା ଶୋଚନୀୟ, ୪ ବର୍ଷ ହେଲା ସରୁନି କାର୍ଯ୍ୟ

ଗଞ୍ଜାମ, ୨୬।୮ (ବିଦ୍ୟାଧର ସାହୁ)

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଦିଗହରା

ଗଞ୍ଜାମ ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଦିଗହରା ହୋଇପଡ଼ିଛି। ଏହି ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର ଲାଉପୁଟ ଗ୍ରାମ୍ୟ ରାସ୍ତାଟି ଶୋଚନୀୟ ଅବସ୍ଥାରେ ରହିଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଯିବାଆସିବା କ୍ଷେତ୍ରରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଘୋର ଅସନ୍ତୋଷ ବୃଦ୍ଧି ପାଇଛି। ୨୦୧୯- ୨୦ ଆର୍ଥିକ ବର୍ଷରେ କାଠଗଡା ଭାୟା ଲାଉପୁଟ -ଗୋପାଳପୁର ଯାଏ ୬ କିଲୋମିଟର ବ୍ୟାପି ରାସ୍ତା ପକ୍କା ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ହେଲେ ଟେଣ୍ଡର ନେଇଥିବା ଠିକାଦାର କାର୍ଯ୍ୟ କରିବା ଦୂରର କଥା କାଠଗଡା-ସାତୁଳି ରାସ୍ତାଠାରୁ କୁଜିଢେପା ଗ୍ରାମ ମଧ୍ୟରେ ୧ କିଲୋମିଟର ରାସ୍ତାରେ ମେଟାଲ ଓ ବାଲୁରୀ ଗୁଡ଼ି ପକାଇ ରୋଲର ଗଡାଇ ଛାଡି ଦେଇଛନ୍ତି। ଫଳରେ ଦୀର୍ଘ ୨୨ ବର୍ଷ ପରେ ହେବାକୁଥିବା ଉକ୍ତ କିଲୋମିଟର ରାସ୍ତାଟି ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟିଦେଇ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ଦିଗପହଣ୍ଡି, ୨୬।୮ (ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ କେ.ସାମନ୍ତରାପୁର ଗ୍ରାମ ନିକଟ ଷ୍ଟୋନ କ୍ରସର ନିକଟରେ ସୋମବାର ଭୋର ରେ ବାରହା ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ଗୁରୁତର ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ମାଟିଆବୋରାଇ ଗ୍ରାମର ପି.ସନ୍ତୋଷ ରେଡ୍ଡୀ। ସନ୍ତୋଷ ବାଇକ ଯୋଗେ ଦିଗପହଣ୍ଡି ନିକଟ ଅନଙ୍ଗପୁର ଗ୍ରାମ ରେ ଥିବା ତାଙ୍କ କୁକୁଡ଼ା ଫାର୍ମ କୁ ଆସୁଥିବା ବେଳେ ବାରହା ପଲ ହାବୁଡ଼ରେ ପଡ଼ିଥିଲେ। ସେ ବାଇକ ରୁ ଖସି ପଡ଼ିବାରୁ ଏକ ବାରହା ତାଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରି ଦୌଡ଼ି ପଳାଇଥିଲା। ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି।

# ଗ୍ରାମବାସୀଙ୍କ ରାସ୍ତାରେ ଧାନତଳି ରୋଇ ପ୍ରତିବାଦ

ଖଲ୍ଲିକୋଟ, ୨୬।୮ (ପ୍ରଶାନ୍ତ କୁମାର ମିଶ୍ର)

## ଖଲ୍ଲିକୋଟ ଏନ୍‌ଏସି ମାଟିଆ ସାହି

ଖଲ୍ଲିକୋଟ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୭ ମାଟିଆ ସାହି ରାସ୍ତାରେ ନିଷ୍କାସିତ ହେଉନି ପାଣି। ସାହି ସାରା କାଦୁଅ। ଯିବା ଆସିବାରେ ନାହିଁ ନଥିବା ସମସ୍ୟା। ବର୍ଷା ପାଣି ଓ ସାହି ମୁହଁରେ ଥିବା ପୋଖରୀର ଦୂଷିତ ପାଣିରେ ଗାଧୋଇବା କାରଣରୁ ସାହିରେ ମ୍ୟାଲେରିଆ ଓ ଡେଙ୍ଗୁରେ ୧୨ ଜଣ ଆକ୍ରାନ୍ତ ହୋଇଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ସାହି ରାସ୍ତାରେ ଧାନ ତଳି ରୋଇ ସୋମବାର ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଏହି ସାହିରେ ଅସରାଏ ବର୍ଷାରେ ସାହି ସାରା ପାଣି ଭରି ଯାଉଥିବା ବେଳେ ବର୍ଷା ଛାଡିଲେ ମଧ୍ୟ ସାହି ରାସ୍ତାରୁ ପାଣି ଶୁଖୁନି। ଫଳରେ ଗାଁ


ମାଟିଆ ସାହି ରାସ୍ତାରେ ଜମି ରହିଥିବା ପାଣି।

ଲୋକ ହନ୍ତସନ୍ତ ହେଉଛନ୍ତି। ଏହି ଭଳି ଦୀର୍ଘ ବର୍ଷ ହେଲା ସାହିବାସିନ୍ଦା ସମସ୍ୟାର ସମ୍ମୁଖିନ ହେଉଥିବା ବେଳେ ସାହିରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏହି ଭଳି ସମସ୍ୟା ହେଉଥିବା ସାହିବାସୀ କହିଛନ୍ତି। ସାହିରେ ପାଣି ଜମି ରହିବା ଦ୍ୱାରା ପିଲାମାନେ ସ୍କୁଲ କଲେଜ ଯିବାରେ ସମସ୍ୟା ଭୋଗୁଛନ୍ତି। ତେଣୁ ଏହି ସମସ୍ୟା ନେଇ ସାହି ବାସିନ୍ଦା ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ମଙ୍ଗଳବାର ସାହି ବାସିନ୍ଦା ସାହିର ମୁଖ୍ୟ ରାସ୍ତାରେ ଧାନ ତଳି ରୋଇ ପ୍ରତିବାଦ କରିଛନ୍ତି। ଆଗାମୀ ଦିନରେ ଉକ୍ତ ସମସ୍ୟା ସମାଧାନ ନ ହେଲେ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

# ମନମୋହିଲା ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ

ଛତ୍ରପୁର, ୨୬।୮ (ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)


ଛତ୍ରପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ।

ଛତ୍ରପୁର ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଶିଶୁମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ ବେଶ ପ୍ରତିଯୋଗିତା ଓ ମାତୃ ସମ୍ମିଳନୀ ହୋଇଥିଲା। ମୁଖ୍ୟବକ୍ତା ଭାବେ ଜଗନ୍ନାଥ ପଣ୍ଡା ଯୋଗଦେଇ ଏହି ଧରାଧାମରେ ଶ୍ରୀକୃଷ୍ଣଙ୍କ ଜନ୍ମ ହେବାର ଲକ୍ଷ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ପଦ୍ମଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଉପସଭାପତି ଗୀତା ପାଢୀ ଅଧ୍ୟକ୍ଷତା କରିଥିଲେ।

**ପାରଳାଖେମୁଣ୍ଡି, (ଗିରିଧାରୀ ପରିଛା):** ପାରଳାଖେମୁଣ୍ଡିର କରଣ ସାହି, ଗୋପୀନି ସାହି, ରାଜୁଗୁରୁ ସାହି, ସାନ ବ୍ରାହ୍ମଣସାହି ଓ ବଡବ୍ରାହ୍ମଣ ସାହିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ସୋମବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପରିଚ୍ଛା ମଠ ବିଜେ ରସିକରାଜ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ରାଧାକୃଷ୍ଣ ବେଶଧାରୀ ଶିଶୁ ମାନେ ନଗର ପରିକ୍ରମା କରିଥିଲେ। କେରାଣ୍ଡି ମହନ୍ତ ଦାମୋଦର ଦାସ ଜୀ ଏବଂ ହରେରାମ କୃଷ୍ଣ ଚୌଧୁରୀ ଶିଶୁମାନଙ୍କୁ ପୁରସ୍କୃତ କରିଥିଲେ।

**ଚାନ୍ଦିପୁଟ, (କେ.ପ୍ରମୋଦ କୁମାର ଦୋରା):** ଚାନ୍ଦିପୁଟ ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଛି। ସଭାପତି ବୃନ୍ଦାବନ ଗୌଡ଼, ସମ୍ପାଦକ ଛବିପ୍ରିୟ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଜୁରିଆ କାର୍ଜି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିପ୍ର ଚରଣ ବଳିଆରସିଂହ, ପୂର୍ବତନ ସଭାପତି ଲଳିତ ମୋହନ ପତି, ଚନ୍ଦ୍ରଶେଖର ବ୍ୟବସାୟ ସଂଘ ସଭାପତି ବୈଦ୍ୟନାଥ ଦାଶ, ପ୍ରଧାନ ଆଚାର୍ଯ୍ୟ ଗାୟତ୍ରୀ ଦେବୀଙ୍କ ଉପସ୍ଥିତ ଥିଲେ। ୬୮ ଜଣ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ଗ୍ରାମ ପରିକ୍ରମା କରିଥିଲେ।

**ରାମଗିରି, (ବୃନ୍ଦାବନ ଗୌଡ଼):** ଆର.ଉଦୟଗିରି ବ୍ଲକ ରାମଗିରି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ପିଲାମାନଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଗୁରୁଜୀ ରାଧାକୃଷ୍ଣ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବୃନ୍ଦାବନ ପ୍ରଧାନ ଉପସ୍ଥିତ ଥିଲେ।

**ରମ୍ଭା, ୨୬।୮ (ବନବାସୀ ସେଠୀ):** ଗଞ୍ଜାମ ବ୍ଲକ ସନ୍ତୋଷପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାତା ବଟକୃଷ୍ଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ଗୋକୁଳ ଚନ୍ଦ୍ର ନାହାକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୁଦାରୀ ଗାଁରେ ଅବକାରୀ ଚଢ଼ାଉ, ପୋଚ ନଷ୍ଟ

ଖଜୁରିପଡ଼ା,୨୬।୮ (ବିଦୁର ବେହେରା)
ଦିନକୁ ଦିନ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ଏ ସବୁକୁ ରୋକିବା ପାଇଁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଝସକେତନ ବରିହାଙ୍କ ନେତୃତ୍ୱରେ ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୁଦାରୀ ଗାଁରେ ସୋମବାର ଲକ୍ଷାଧିକ ଟଙ୍କାର ମଦ ସହ ପୋଚ ନଷ୍ଟ କରାଯାଇଛି। ଅବକାରୀ ବିଭାଗର ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ଭବାନୀ ଶଙ୍କର ସେଠୀ, ସୁମିତ୍ରା ଦଳେଇ, କୀର୍ତ୍ତନ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମିଶି ଚଢ଼ାଉ କରିଛନ୍ତି। ଏ ନେଇ ନଂ. ୮୪/୨୪ ମାମଲା ରୁଜୁ କରିଥିବା ଅବକାରୀ ବିଭାଗ ତରଫରୁ ସୂଚନା ମିଳିଛି।

### ସିପିଆଇ ପକ୍ଷରୁ ପୂର୍ବତନ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଦିଗପହଣ୍ଡି,୨୬।୮ (ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡସ୍ଥିତ ଶ୍ରମିକ ସଙ୍ଗଠନ ଏଆଇଟିୟୁସି କାର୍ଯ୍ୟାଳୟଠାରେ ସୋମବାର ସାନଖେମୁଣ୍ଡି ବ୍ଲକ ଗସ୍ତରେ ଆସିଥିବା ଗଞ୍ଜାମ ଜିଲା ଛତ୍ରପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ ଏବଂ ସିପିଆଇର ବରିଷ୍ଠ ସଦସ୍ୟା ଏନ୍. ଭାନୁମତୀ ରେଡ୍ଡୀ, ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କୁ ସ୍ଥାନୀୟ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ଅଳକ ନାଥ ମିଶ୍ର, ସିପିଆଇ ବଡଖେମୁଣ୍ଡି ଜୋନାଲ ସମ୍ପାଦକ କିଶୋର କୁମାର ଶତପଥୀ, ବିମଳ କାନ୍ତ ମିଶ୍ର, ଲୋକନାଥ ବିଷୋୟୀ, ଗୌରୀଶଙ୍କର ସାହୁ, ସୁରେନ୍ଦ୍ର ବେହେରା, କାଳୁ ଚରଣ ବାଡ଼ତ୍ୟା, ଚନ୍ଦ୍ରଶେଖର ବେହେରା, ବାବୁଲା ରେଡ୍ଡୀ ପ୍ରମୁଖ ପୁଷ୍ପମାଲ୍ୟାର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

ବୁଗୁଡା,୨୬।୮ (କାଳିଚରଣ ଦାଶ)
ବୁଗୁଡା ଉପକଣ୍ଠସ୍ଥ ତାରୁଟାଙ୍କି ନିକଟରେ ବାଇକ ଦୁର୍ଘଟଣାରେ ସ୍ୱାମୀ ଓ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବି.ବ୍ରହ୍ମପୁର ଗ୍ରାମର ସନ୍ତୋଷ ପଣ୍ଡା ଓ ତାଙ୍କ ସ୍ତ୍ରୀ ନମିତା ପଣ୍ଡା। ସୋମବାର ସନ୍ଧ୍ୟାରେ ଉଭୟ ଦମ୍ପତି ବାଇକରେ ବି.ବ୍ରହ୍ମପୁର ଗାଁକୁ ଯାଉଥିବା ବେଳେ ସାଇକେଲ ଚଳାଇ ଆଗରେ ଯାଉଥିବା ପଙ୍କଳସାହି ଗାଁର ବୃଦ୍ଧ ବଂଶୀ ନାଇକଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଦୁର୍ଘଟଣାରେ ତିନିହେଁ ଆହତ ହୋଇଥିଲା ବେଳେ ସେମାନଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ପରେ ଦମ୍ପତିଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

କବିସୂର୍ଯ୍ୟନଗର,୨୬।୮ (କୃପାସିନ୍ଧୁ ସ୍ୱାଇଁ)– କବିସୂର୍ଯ୍ୟନଗର ଗଣେଶ ମନ୍ଦିର ପ୍ରାଙ୍ଗଣରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ଓ ବିଶ୍ୱ ହିନ୍ଦୁ ପରିଷଦ ଷଷ୍ଠି ଉତ୍ସବ ଅବସରରେ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷଣାନନ୍ଦ ସ୍ୱରସ୍ୱତୀଙ୍କ ୧୬ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥିରେରେ ଘୁମୁସର ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ବଟକୃଷ୍ଣ ପଣ୍ଡା ମୁଖ୍ୟ ଅତିଥି, ବିଶ୍ୱ ହିନ୍ଦୁ ପରିଷଦ ଘୁମୁସର ଜିଲ୍ଲା ଉପସଭାପତି ଇ. ମାହେଶ୍ୱରୀ ଦୋରା ଓ ସମ୍ମାନିତ ଅତିଥି କବିସୂର୍ଯ୍ୟନଗରର ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ସମ୍ପାଦକ ଯଦୁକୁଳ ଚନ୍ଦ୍ର ପଟ୍ଟନାୟକ ଅତିଥି ଭାବେ ଉପସ୍ଥିତ ଥିଲେ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ନାୟକଙ୍କ ଶ୍ରାଦ୍ଧ ଦିବସ

ଛତ୍ରପୁର ୨୬।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)
ଛତ୍ରପୁର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ଉଚ୍ଚ ବିଦ୍ୟାଳୟ ପରିସରରେ ଛତ୍ରପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ପ୍ରଫୁଲ୍ଲ ନାୟକଙ୍କ ୨୩ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଜିଲା ପରିଷଦ ସଦସ୍ୟା ରଶ୍ମିତା ନାହାକ, ଆଇନଜୀବୀ ବାବୁ ନାହାକ, ଖବରଦାତା ରବୀନ୍ଦ୍ରନାଥ ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ପ୍ରହ୍ଲାଦ ମହାରଣା, କୁମୁଦ ବେହେରା, ସୋରା ନାହାକ, ମନୁ ନାୟକ, ପ୍ରଦୀପ ନାୟକ, ଅଶୋକ ପଟ୍ଟନାୟକ, ମୁନା ନାୟକ, ପ୍ରଶାନ୍ତ କୁମାର ମେକାପ, ମୁନା ରାଉଳ, ଏନ,ବାନାର୍ଜି ରେଡ୍ଡି, ସେମୋୟା ପାତ୍ର, ଶରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଫୁଲ୍ଲଙ୍କ ସ୍ମୃତିଚାରଣ କରି ନିଜ ମହତ କର୍ମ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଗୋବିନ୍ଦପୁର ଗ୍ରାମବାସୀ ଉପସ୍ଥିତ ଥିଲେ। କ୍ରୀଡାଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିଇବା ପାଣିରେ ପକ୍ଷୀମାଂସ, ପର ବାସ୍ନା




■ ଓଭରହେଡ ଟ୍ୟାଙ୍କିରେ ନାହିଁ ଘୋଡ଼ଣୀ
■ କେ.ସୀତାପୁରରେ ବସୁଧା ଯୋଜନା ଫେଲ୍

ପାରଳାଖେମୁଣ୍ଡି,୨୬।୮ (ଗିରିଧାରୀ ପରିଛା)
ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ପ୍ରତି ଘରେ ପିଇବା ପାଣି ଯୋଗାଇବା ପାଇଁ ବସୁଧା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମାତ୍ର ପାରଳାଖେମୁଣ୍ଡି ଅଞ୍ଚଳରେ ଏହି ଯୋଜନା ଫେଲ୍ ମାରିଛି। ପାନୀୟ ଜଳ ଅଭାବରୁ ଗ୍ରାମବାସୀ ୧ କି.ମି. ଦୂରରେ ଥିବା ନାଳରେ ଚୁଆ ଖୋଳି ସେହିପାଣି ଆଣି ବ୍ୟବହାର କରୁଛନ୍ତି। ଏଭଳି ଅଭାବନୀୟ ଦୃଶ୍ୟ ଜିଲା ସଦରମହକୁମା ପାରଳାଖେମୁଣ୍ଡିଠାରୁ ମାତ୍ର ୧୦ କି.ମି. ଦୂର ମୁଖ୍ୟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କାଶୀନଗର ବ୍ଲକର କେ. ସୀତାପୁର ଗ୍ରାମରେ ଦେଖିବାକୁ ମିଳିଛି। ପାନୀୟ ଜଳଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ବ୍ୟୟ ହେଉଛି। ପ୍ରତି ଘରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଗୁରୁତ୍ୱାରୋପ କରାଯାଉଛି। ଏଥିପାଇଁ ଓଭରହେଡ ଟ୍ୟାଙ୍କି, ଗଭୀର ନଳକୂପ ଆଦି ପ୍ରକଳ୍ପ ନିର୍ମାଣ ହେଉଛି। ତେବେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ଅନେକ ସ୍ଥାନରେ ଗ୍ରାମବାସୀ ଏଥିରୁ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା କେ. ସୀତାପୁର ଗ୍ରାମରେ ବସୁଧା ଯୋଜନାରେ ନିର୍ମିତ ଓଭରହେଡ ଟାଙ୍କିରେ ଘୋଡଣି ନାହିଁ। ଫଳରେ ଟାଙ୍କି ଭିତରେ ପକ୍ଷୀ ପଡ଼ି ମୃତ୍ୟୁବରଣ କରୁଛନ୍ତି। ବର୍ଷା ପବନରେ ମଧ୍ୟ ଅଳିଆ ଆବର୍ଜନା ଟାଙ୍କି ଭିତରେ ପଡି ଜଳ ଦୂଷିତ ହେଉଛି। ସେହି ଦୂଷିତ ଜଳ ବ୍ୟବହାର ଉପଯୋଗୀ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଇପ୍ ଯୋଗେ ଆସୁଥିବା ଏହି ପାଣି କିଛି ଦିନ ହେଲା ଦୁର୍ଗନ୍ଧ ହେଉଛି। ପାଣିରେ ପକ୍ଷୀର ପର ଭାସୁଥିବା ଦେଖିବାକୁ ମିଳୁଛି ବୋଲି ଗ୍ରାମର ପି. ସୀମାଦ୍ରି, ଅରୁଣ ଜେନା, ଲମ୍ବୋଦର ଚରତି ପ୍ରମୁଖ ଅଭିଯୋଗ କରିଛନ୍ତି। ବାଧ୍ୟ ହୋଇ ଆମେ ଗୋରୁ ମଇଁଷି ଆଦି ବୁଡି ରହୁଥିବା ନାଳରୁ ଚୁଆ ଖୋଳି ପାଣି ବ୍ୟବହାର କରୁଛୁ। ଆବଶ୍ୟକ ହେଲେ ଚାଷ ଜମି ମଧ୍ୟରେ ଥିବା ଏକ ନଳକୂଅରୁ ମଧ୍ୟ ପାଣି ବ୍ୟବହାର କରିଥାଉ। ଏହି ଦୂଷିତ ଜଳ ପିଇ ବିଭିନ୍ନ ରୋଗର ଶିକାର ମଧ୍ୟ ହେଉଛୁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ସମସ୍ୟା ନେଇ ପ୍ରଶାସନ ନିକଟରେ ବାରମ୍ୱାର ଅଭିଯୋଗ କଲେ ସୁଦ୍ଧା ବ୍ଲକ ପାନୀୟଜଳ ଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀ କିଛି ଶୁଣୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ତିରୁପତି କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଟାଙ୍କିରେ ଢାଙ୍କୁଣି ଥିଲା, କିଏ କାଢିଦେଇଛି। ଗ୍ରାମବାସୀ ତାଙ୍କ ବିରୋଧରେ ଯେଉଁ ଅଭିଯୋଗ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଥିଲେ।

# ଟିକିଟି ମଦମୃତ୍ୟୁ ମାମଲା ୧୦ରେ ପହଞ୍ଚିଲା ଗିରଫ ସଂଖ୍ୟା

ଟିକିଟି,୨୬।୮ (ପ୍ରକାଶ ଚନ୍ଦ୍ର ସାହୁ)
ଗଞ୍ଜାମ ଜିଲା ଟିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ଘଟିଥିବା ବିଷାକ୍ତ ମଦମୃତ୍ୟୁ ଘଟଣାରେ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ଏହି ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତ ସୋମବାର ଗିରଫ ହୋଇଛନ୍ତି। ସେ ହେଲେ ମାଉନ୍ଦପୁର ଗ୍ରାମର ପୂର୍ଣ୍ଣ ସାହୁ। ଘଟଣା ପରଠାରୁ ପୂର୍ଣ୍ଣ ଫେରାର ଥିଲେ। ଫେରାର ପରଠାରୁ କେ. ନୂଆଗାଁ ପୋଲିସ ତାଙ୍କୁ ଖୋଜିବା ଜାରି ରଖିଥିଲା। ଗିରଫ ପରେ କେ. ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲ ତାଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଗତ ସୋମବାର ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ ପିଇ ୨୩ ଜଣ ଅସୁସ୍ଥ ହୋଇ ପଡିଥିଲେ। କେ. ନୂଆଗାଁ ପୋଲିସ ମାଉନ୍ଦପୁରରେ ଚଢ଼ାଉ କରି ଚୋରା ମଦ କାରବାର କରୁଥିବା ସନ୍ଦେହରେ ୬ ଜଣକୁ ଗିରଫ କରିଥିଲା। ଟିକିଟି ଅବକାରୀ ବିଭାଗ ପକ୍ଷରୁ ଢେପଗାଁରେ ୫୫ ଲିଟର ଦେଶୀ ମଦ ଜବତ କରି ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ପ୍ରଥମେ ୭ଜଣଙ୍କୁ ଗିରଫ କରାଯାଇଥିଲା। ପରେ ୩ଜଣ ଗିରଫ ହୋଇଥିଲେ। ଫଳରେ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଥିଲା। ଏ ସମ୍ପର୍କରେ କେ ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲଙ୍କୁ ପଚାରିବାରୁ ସେ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୧୦ଜଣ ଗିରଫ ହୋଇଥିବା ପ୍ରକାଶ କରିବା ସହ ଏଭଳି ଚଢ଼ାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ଦେଇଛନ୍ତି।

# ଅଳଙ୍କାର ଦୋକାନରୁ ଲୁଟ୍ ଘଟଣା, ୫ ଗିରଫ

## ଟଙ୍କା ସହ ସୁନା ରୁପା ଜବତ, ଲୁଟ୍‌ରେ ସିଆର୍‌ପିଏଫ୍ ଯବାନଙ୍କ ସମ୍ପୃକ୍ତି



ଧରାକୋଟ,୨୬।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ସୁନାମୋହି ଗ୍ରାମରେ ଗତ ଜୁଲାଇ ମାସରେ ରୁଦ୍ରସାଇ ଦୋକାନରୁ ସୁନା ଅଳଙ୍କାର ଲୁଟ୍ ହୋଇଥିଲା। ଏହି ଘଟଣାର ସୋମବାର ପର୍ଦ୍ଦାଫାଶ ହୋଇଛି। ଏଥିରେ ୫ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ମାଷ୍ଟର ମାଇଣ୍ଡ ସମେତ ଦୁଇରୁ ତିନି ଜଣ ଅଭିଯୁକ୍ତ ଫେରାର ରହିଥିବା ଆସିକା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଜରଡା ଥାନା ପାଟପୁର ଗ୍ରାମର ଚନ୍ଦ୍ରଶେଖର ବାଡ଼ତ୍ୟା, କୋରେଇ ଥାନା ପୂର୍ବକୋଟ ଗ୍ରାମର ଈଶ୍ୱର ପ୍ରଧାନ, ଜେନାପୁର ଥାନା କବାଟବନ୍ଦ ଗ୍ରାମର ସୂର୍ଯ୍ୟମଣି ସାହୁ, କଟକ ଲାଲବାଗ ଥାନା କାଜିବଜାର ଅଞ୍ଚଳର କାଜି ସାମୁଏଲ। ସେମାନଙ୍କଠାର ୫୮ ହଜାର ୩୮୦ ଟଙ୍କା ସମେତ ଗୋଟିଏ ସୁନା ମୋଦି, ଗୋଟିଏ ସୁନା ଚେନ, ଚାରୋଟି ସୁନା ବିସ୍କୁଟ,୧.୮ ଗ୍ରାମର ସୁନା,୨ କେଜି ରୁପା ସହ ୬୦ ହଜାର, ୩୬, ୯୯୯ ଟଙ୍କା ଦାମ୍‌ର ସାମସଙ୍ଗ ମୋବାଇଲ, ୨୦ ହଜାର ଟଙ୍କା ଦାମ୍‌ର ଗୋଟିଏ ହାତଘଣ୍ଟା ପୋଲିସ ଜବତ କରିଛି। ଏ ନେଇ ଧରାକୋଟ ପୋଲିସ ନଂ. ୨୩୦/୨୪ରେ ମାମଲା ରୁଜୁ କରିଛି। ଜୁଲାଇ ୧୩ ତାରିଖ ସୁନାମୋହି ଗାଁରେ ରୁଦ୍ରସାଇ ଅଳଙ୍କାର ଦୋକାନରୁ ତିନି ଜଣ ବ୍ୟକ୍ତି ଦୋକାନ ମାଲିକ ଗୋପାଳ କୃଷ୍ଣ ଜେନାଙ୍କୁ ବନ୍ଧୁକ ଦେଖାଇ ପ୍ରାୟ ତିନି କେଜି ସୁନା, ଆଠ କେଜି ରୁପା ଓ ନଗଦ ଦୁଇ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଖବର ପାଇ ଧରାକୋଟ ପୋଲିସ, ଶେରଗଡ଼ ପୋଲିସ ଓ ଆସିକା ଉପଖଣ୍ଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଲୁଟ୍ ପରେ ଲୁଟେରାମାନେ କ୍ଷିପ୍ରଗତିରେ ଯାଉଥିବା ବେଳେ ସୁନାମୋହିଠାରୁ ବାହାଡ଼ାଗୁଡା ରାସ୍ତାରେ ପଡିଥିବା କିଛି ରୁପା ମୁଦିକୁ ଉଦ୍ଧାର କରିଥିଲା। ଦୋକାନ ମାଲିକ ଗୋପାଳ କୃଷ୍ଣ ଜେନା ଧରାକୋଟ ଥାନାରେ ଲୁଟ୍ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରିଥିଲା। ଏଥିରେ କାର୍ଯ୍ୟରତ ଜଣେ ସିଆର୍‌ପିଏଫ୍ ଯବାନଙ୍କ ସମ୍ପୃକ୍ତି ରହିଥିବା ପୋଲିସ କହିଛି। ସମସ୍ତ ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

# ସୁରଟରେ ମୃତ ଶ୍ରମିକଙ୍କ ପରିବାରକୁ ସହାୟତା

ଛତ୍ରପୁର,୨୬।୮ (ଦିଲ୍ଲୀପ ସାମଲ)
ସୁରତରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ର ଯୁବକ ସଦାନନ୍ଦ ପ୍ରଧାନଙ୍କ ଗତ ରବିବାର ମୃତ୍ୟୁ ଘଟିଛି। ଜ୍ୱରରେ ପୀଡ଼ିତ ହୋଇ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ସୁରଟର ପ୍ରଶାସନ ପକ୍ଷରୁ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସଦାନନ୍ଦଙ୍କ ପରିବାରରେ ସ୍ତ୍ରୀ ଏବଂ ୫ ବର୍ଷର ପୁଅଟିଏ ଅଛନ୍ତି। ସେମାନଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ କଣ୍ଟିଆଗଡ଼ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନା ଏବଂ ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କରପଡ଼ା ଗ୍ରାମର ଦୀପୁ ଦାସ ହୃଦ୍‌ଘାତରେ ପ୍ରାଣ ହରାଇଥିବା ବେଳେ ତାଙ୍କ ପରିବାରକୁ ମଧ୍ୟ ଭେଟି ସମବେଦନା ଜଣାଇବା ସହ ବିଧାୟକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଏନ୍‌ପିଏସ୍ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ



ଉପସ୍ଥିତ ଶିକ୍ଷକ ନେତାମାନେ ଆଲୋଚନା କରୁଛନ୍ତି ।

ଭଞ୍ଜନଗର,୨୬।୮ (ବାବୁଲା ପ୍ରଧାନ)
ଭଞ୍ଜନଗର ବ୍ଲକ ଏନ୍‌ପିଏସ୍ ଶିକ୍ଷକ ସଂଘର ଏକ ସଭା ସୋମବାର ସ୍ଥାନୀୟ ବ୍ଲକ ରୋଡ଼ରେ ଥିବା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ଉପରେ ଆଲୋଚନା ହୋଇଥିଲା। ଶେଷରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବରିଷ୍ଠ ଶିକ୍ଷକ ତ୍ରିନାଥ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ସୁଧିର ବେହେରା, କାଳୀ ଚରଣ ସେଠୀ, ନିର୍ମଳ କୁମାର ସ୍ୱାଇଁ, ସୁଜିତ ସ୍ୱାଇଁ, ସୁଧାଂଶୁ ମହାପାତ୍ର, ଅବିନାଶ ପଣ୍ଡା, ଶିବାଶିଷ ବେହେରା, ସୀମାଞ୍ଚଳ ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଞ୍ଜୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦେବୀ ପ୍ରସାଦ ଦାସ ସଭାକୁ ସଂଯୋଜନା କରିଥିଲେ। ଜଗଦିଶ୍ ନାୟକ ନୂତନ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଆଶାଲତା ବେହେରା ଉପ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ସମ୍ପାଦକ ଭାବେ ମନୋଜ ବେହେରା, ସହ ସମ୍ପାଦକ ଶିଶିରକାନ୍ତ ପତି, କୋଷାଧ୍ୟକ୍ଷ ପଦ୍ମନାଭ ପ୍ରଧାନ, ଶିକ୍ଷୟିତ୍ରୀ ପ୍ରତିନିଧି ଭାବେ ଅନୁପମା ସାହୁ, ମିଡ଼ିଆ ସଂଯୋଜକ ବୈରାଗୀ ଗୌଡ଼, ମଣ୍ଡଳ ସମ୍ପାଦକ ଭାବେ ଭକ୍ତବନ୍ଧୁ ବିଷୋୟୀ, ମୋହନ ସାହୁ, ଅଶୋକ କୁମାର ବେହେରା ନିର୍ବାଚିତ ହୋଇଥିଲେ । ବିଭୁ ପ୍ରସାଦ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ବୁଢ଼ାଗୁଡ଼ାରେ ବଢୁଛି ଚୋରା ମଦ କାରବାର



କାମରେ ଆସୁନଥିବା ନୂଆ କୋଠା।



ବ୍ରିଟିଶ ଅମଳର ଥାନା।

ଦାରିଙ୍ଗବାଡି, ୨୬।୮ (ଅରୁଣ ସାହୁ)
ଦାରିଙ୍ଗବାଡ଼ି ବ୍ଲକ ବୁଢ଼ାଗୁଡ଼ା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ରିଟିଶ ଅମଳର ଥାନା ଏବେ ପରିତ୍ୟକ୍ତ, ଯେଉଁଠାରେ ପୋଲିସର ପାଦ ପଡୁନି। ଫଳରେ ବୁଢ଼ାଗୁଡା ଅଞ୍ଚଳରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ପୋଲିସ ଆଉ ଅବକାରୀ ବିଭାଗର ସେଠାରେ କୌଣସି ପ୍ରଭାବ ନ ଥିବାରୁ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଛି। ମଦ୍ୟପମାନେ ନିଶାରେ ବଜାର ଉପରେ ଗଣ୍ଡଗୋଳ କରୁଥିବାରୁ ଜରୁରୀ କାର୍ଯ୍ୟ ନ ଥିଲେ ଲୋକମାନେ ବଜାରକୁ ଯାଉନାହାନ୍ତି। ଛାତ୍ରୀଛାତ୍ରମାନେ ମଧ୍ୟ ମଦ୍ୟପଙ୍କୁ ଦେଖି ଭୟଭୀତ ହୋଇପଡୁଛନ୍ତି।

ଏହି ଚୋରା ମଦ କାରବାର ବନ୍ଦ କରିବାକୁ ଅଞ୍ଚଳବାସୀ ସୋମବାର ଗାଁ ଦାଣ୍ଡରେ ସରପଞ୍ଚ ତାତୁରା ପ୍ରଧାନଙ୍କ ନେତୃତ୍ୱରେ ବୈଠକ କରି ଥାନା ଖୋଲାଯିବାକୁ ଦାବି ଜଣେଇବାକୁ କନ୍ଧମାଳ ଏସ୍‌ପିଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଛନ୍ତି। ବ୍ରିଟିଶ ଶାସନ ବେଳେ ପ୍ରଥମେ ଥାନା ଖୋଲାଯାଇଥିବା ବେଳେ ଧୀରେ ଧୀରେ ଥାନା ଉଠେଇ ଦିଆଯାଇ କେବଳ ଫାଣ୍ଡିରେ ପରିଣତ ହୋଇଥିଲା। ପରେ ଗତ ୮ /୧୦ ବର୍ଷ ହେଲା ଉକ୍ତ ଫାଣ୍ଡି ସମ୍ମୁଖରେ କେହି ଦୁର୍ବୃତ୍ତ ମାଓବାଦୀଙ୍କ ନାମରେ ବ୍ୟାନର, ପୋଷ୍ଟର ଲଗାଇବା ପରେ ସେଠାରୁ ପୋଲିସକୁ ବାଲିଗୁଡା ଫେରେଇ ନିଆଗଲା। ଆଉ ସେହିଦିନଠାରୁ ଫାଣ୍ଡି ଖୋଲିନି। ଏବେ ନୂତନ କୋଠା ନିର୍ମାଣ ହୋଇଥିଲେ ସୁଦ୍ଧା ନା ଫାଣ୍ଡି ଖୋଲୁଛି ନା ଥାନାରେ କେହି ପୋଲିସ ରହୁଛନ୍ତି। ଏ ନେଇ ଅଞ୍ଚଳବାସୀ ଚିନ୍ତାରେ ରହିଥିବା ବେଳେ ଉକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫ୍ ଅଭାବ ସାଙ୍ଗକୁ ବୁଢ଼ାଗୁଡାଠାରୁ ବାଲିଗୁଡ଼ା ଅତି ନିମ୍ନମାନର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ଫୋର୍ଜି ମୋବାଇଲ ଟାୱାର ସ୍ଥାପନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ଦିଗପହଣ୍ଡି/ପାଟପୁର,୨୬।୮ (ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)
ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ପଞ୍ଚାୟତର ପୂର୍ବତନ ସରପଞ୍ଚ ବୃନ୍ଦାବନ ବିଷୋୟୀ(୯୫) ପରଲୋକ ଘଟିଛି। ତିଳେଶ୍ୱର ଗ୍ରାମର ବୃନ୍ଦାବନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର ଆଜୀବନ ସଦସ୍ୟ ଥିଲେ। ସେ ପଞ୍ଚାୟତର ୩ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ବାର୍ଦ୍ଧକ୍ୟ ଜନିତ କାରଣରୁ ସେ ଗତ କିଛିଦିନ ହେଲା ଶଯ୍ୟାଶାୟୀ ଥିବା ବେଳେ ଶନିବାର ବିଳମ୍ବିତ ରାତିରେ ତାଙ୍କ ପରଲୋକ ଘଟିଥିଲା।ରବିବାର ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ଅଳକ ନାଥ ମିଶ୍ର,ସିପିଆଇ ସାନଖେମୁଣ୍ଡି ଜୋନାଲ କମିଟି ସମ୍ପାଦକ କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ସ୍ୱାୟତ୍ତ ଶାସନ ଦିବସ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଶିକ୍ଷକମାନେ ଆଲୋଚନା କରୁଛନ୍ତି ।

ସୋରଡା,୨୬।୮ (ରଜନୀ ମହାପାତ୍ର)
ସୋରଡ଼ା ଏନ୍‌ଏସି ତରଫରୁ ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରସ୍ତୁତି ଆରମ୍ଭ ହେବା ସହ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଆରମ୍ଭ ହୋଇଛି। କାଉନସିଲ ବୈଠକରେ ଆଲୋଚନା ପରେ ରବିବାର ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗୀତାନ ସୋରଡା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଟେକନିକାଲ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଛି। ସୋରଡ଼ା ଏନ୍‌ଏସି ମୁଖ୍ୟ ସଂଯୋଜକ ଜ୍ୟୋତିନ୍ଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାକୁ ସୋରଡ଼ା ଏନ୍‌ଏସିର କର୍ମଚାରୀମାନେ ଉପସ୍ଥିତ ରହି ସଫଳ ରୂପାୟନ କରିଥିଲେ। ସୋରଡ଼ା ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ଓ ସମସ୍ତ କାଉନସିଲର ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ କହିଛନ୍ତି।

# ବେଲଗୁଣ୍ଠା ବାର୍ ଆସୋସିଏସନ୍ ବୈଠକ



ବୈଠକରେ ଉପସ୍ଥିତ ବାର୍ ଆସୋସିଏସନ୍ କର୍ମକର୍ତ୍ତା

ବେଲଗୁଣ୍ଠା,୨୬।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)
ବେଲଗୁଣ୍ଠାଠାରେ ଏକ ଜେଏମ୍‌ଏଫସି ଅଦାଲତ ଖୋଲିବା ନିମନ୍ତେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହାର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ତେଣୁ ବେଲଗୁଣ୍ଠାଠାରେ ଶୀଘ୍ର କିପରି ଜେଏମ୍‌ଏଫସି ଅଦାଲତ ପ୍ରତିଷ୍ଠା ହୋଇପାରିବ ସେହି ସମ୍ପର୍କରେ ବେଲଗୁଣ୍ଠା ବାର୍ ଆସୋସିଏନ୍‌ର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ବାର୍ ଆସୋସିଏସନ୍ ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଡି ଗଗନ ବିହାରୀ ବିନ୍ଧାଣୀରା, କୋଷାଧ୍ୟକ୍ଷ ମଧୁସୂଦନ ମହାପାତ୍ର, ଉପଦେଷ୍ଟା ବିପିନ ବିହାରୀ ସାହୁ, ସନ୍ତୋଷ କୁମାର ନାୟକ ଏବଂ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ୨୦ ଜଣ ଆଇନଜୀବୀ ଏହି ବୈଠକରେ ଉପସ୍ଥିତ ରହି ଜେଏମ୍‌ଏଫସି ଅଦାଲତ ଖୋଲାଯିବା ଉପରେ ନିଜ ନିଜର ମତାମତ ଦେଇଥିଲେ।

# ଜିଲାପାଳଙ୍କ ଗସ୍ତ ପରେ ବି ସୁଧୁରୁନି ସେବାଶ୍ରମ ସ୍ଥିତି



■ସିମନବାଡି ସେବାଶ୍ରମରେ ରାତିରେ ଭୟ, ଆତଙ୍କରେ ୪୦ ଛାତ୍ର
■ବାଲିଗୁଡାରେ ରହି ଶିକ୍ଷକଙ୍କ ଯାତାୟାତ, ସିସିଏ ଭରସା

ଦାରିଙ୍ଗବାଡି, ୨୬।୮ (ଅରୁଣ ସାହୁ)
ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ଗତ ରବିବାର କନ୍ଧମାଳ ଜିଲାପାଳ ଅମ୍ରିତ ରତୁରାଜ ଗସ୍ତ କରି ବିଭିନ୍ନ ସେବାଶ୍ରମ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ସମସ୍ତ ସେବାଶ୍ରମ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ସେବାଶ୍ରମରେ ରହି ପିଲାଙ୍କ ଭଲମନ୍ଦ ବୁଝିବାକୁ ତାଗିଦ୍ କରିଥିଲେ। କିନ୍ତୁ ଏବେ ମଧ୍ୟ ଏକାଧିକ ସେବାଶ୍ରମରେ ପାଠପଢ଼ା ପରେ ପିଲାଙ୍କୁ ହଷ୍ଟେଲରେ ଛାଡି ଶିକ୍ଷକମାନେ ଅନ୍ୟତ୍ର ସ୍ଥାନକୁ ଚାଲିଯାଉଛନ୍ତି। ଏହା ଦେଖିବାକୁ ମିଳିଛି ଦାରିଙ୍ଗବାଡି ବ୍ଲକ ସିମନବାଡି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ହଷ୍ଟେଲରେ। ସେଠାରେ ପ୍ରଧାନ ଶିକ୍ଷକ ଓ ହଷ୍ଟେଲରେ ଥିବା ଶିକ୍ଷକ ଦୁହେଁ ହଷ୍ଟେଲଠାରୁ ପ୍ରାୟ ୩୦ କିଲୋମିଟର ଦୂର ବାଲିଗୁଡ଼ା ବ୍ଲକରେ ରହି ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ପାଠପଢା ସରିଲା ପରେ ଶିକ୍ଷକମାନେ ବାଲିଗୁଡ଼ା ଯାଉଛନ୍ତି, ରାତିରେ ହଷ୍ଟେଲରେ ରହୁନାହାନ୍ତି। ଉକ୍ତ ହଷ୍ଟେଲରେ ୪୦ଛାତ୍ର ରହୁଥିବା ବେଳେ ସେମାନଙ୍କୁ ରାତିରେ ସିସିଏ (କୁକ୍ କମ୍ ଆଟେଣ୍ଡାଣ୍ଟ )ଜଗି ରହୁଛନ୍ତି। ଫଳରେ କୋମଳମତି ଶିଶୁମାନେ ଭୟରେ ରହୁଥିବା ବେଳେ ପଚାରିଲେ କୁହନ୍ତି କେବେ କେମିତି ତାଙ୍କ ଶିକ୍ଷକ ରାତ୍ରିଯାପନ କରନ୍ତି ବୋଲି କହିବା ସହ ସିସିଏ ମଧ୍ୟ ସେ ଏକା କଥା କହିଛନ୍ତି। ସୂଚନାଯୋଗ୍ୟ, ସାମନବାଡି ଗ୍ରାମରେ ମୋବାଇଲ ନେଟ୍‌ୱର୍କ ନ ଥିବା ବେଳେ ସେଠାରେ ହଷ୍ଟେଲରେ ରହୁଥିବା ଛାତ୍ରଙ୍କ ରାତିରେ ସ୍ୱାସ୍ଥ୍ୟ ଖରାପ ହେଲେ ତୁରନ୍ତ କାହାକୁ ଫୋନ କରିବା ବ୍ୟବସ୍ଥା ନାହିଁ। ତେଣୁ ସେଠାରେ ନିୟମିତ ରାତ୍ରି ଶିକ୍ଷକ ରହିବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ନେଇ ଜିଲାପାଳ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

**ସଂକ୍ଷେପରେ**

## ମହିଳା କନଷ୍ଟେବଲଙ୍କୁ ହତ୍ୟା ଧମକ

ବ୍ରହ୍ମପୁର,୨୬।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ଜନୈକା ମହିଳା କନଷ୍ଟେବଲ ଓ ତାଙ୍କ ପରିବାରକୁ ହତ୍ୟା ଧମକ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ରାତି ୮ଟା ସମୟରେ ଜନୈକା କନଷ୍ଟେବଲ ବେଦାଲିଆ ସ୍ଥିତ ନିଜ ବାସଭବନ ନିକଟରେ ଛିଡ଼ା ହୋଇଥିଲେ। ସେହିସମୟରେ ଗ୍ରାମର ନିରଞ୍ଜନ ସାହୁ ସେଠାରେ ପହଞ୍ଚି ତାଙ୍କୁ ଗାଳି ଗୁଲଜ କରିଥିଲେ । ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଓ ତାଙ୍କ ପରିବାରବର୍ଗଙ୍କୁ ଜୀବନରୁ ମାରିଦେବାକୁ ସେ ଧମକ ଦେଇଥିଲେ। ପରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରି ସୁରକ୍ଷା ପାଇଁ ଆବେଦନ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରୁଥିବା କହିଛି।

# ପୋଲିସକୁ ଚ୍ୟାଲେଞ୍ଜ ଦେଇ ପୁଣି ଲୁଟିଲେ

ବ୍ରହ୍ମପୁର,୨୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ସହର ଓ ସହରତଳି ଅଞ୍ଚଳରେ ଏବେ ଲୁଟେରା ମାତିଛନ୍ତି। ତାଲାବନ୍ଦ ଘରକୁ ଟାର୍ଗେଟ କରି ସଫଳ ହେଉଛନ୍ତି। ନିମଖଣ୍ଡି ଥାନାଞ୍ଚଳରେ ନିଜ ସ୍ଥିତି ମଜଭୁତ କରିବାରେ ଲାଗିଛନ୍ତି। ପୋଲିସକୁ ଚାଲେଞ୍ଜ ଦେଇ ଉକ୍ତ ଗ୍ୟାଙ୍ଗ ଦୁଇ ସପ୍ତାହରେ ଦୁଇଟି ପୃଥକ ସ୍ଥାନରୁ ମୋଟ ୨୫ ଭରି ସୁନା ଗହଣା ସହ ଲକ୍ଷାଧିକ ଟଙ୍କା ଓ ୫୦୦ ଗ୍ରାମ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ଯାହାର ସୁରାକ ଅଦ୍ୟାବଧି ପୋଲିସ ପାଇ ପାରୁନାହିଁ । ଉକ୍ତ ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ରବିହାର ଚାରି ଛକ ନିକଟରେ ଅଜିତ କୁମାର ପାଢୀ ନିଜ ପରିବାର ସହ ରୁହନ୍ତି। ତାଙ୍କ ପୁଅ ବାହାରେ ଚାକରି କରି ରହୁଥିବା ବେଳେ ଉକ୍ତ ଘରେ ସେ, ତାଙ୍କ ମା'ଓ ସ୍ତ୍ରୀ ରୁହନ୍ତି। ଗତ ୧୯ ତାରିଖରେ ଦିଗପହଣ୍ଡି ଥାନା ଭୀଷ୍ମଗିରିରେ ରହୁଥିବ ତାଙ୍କ କକାଙ୍କ ମୃତ୍ୟୁ ହୋଇଥିଲା। ଏଣୁ ସେ ନିଜ ମା' ଓ ସ୍ତ୍ରୀ'ଙ୍କୁ ଧରି ଘରେ ତାଲା ପକାଇ ଭୀଷ୍ମଗିରି ଚାଲି ଯାଇଥିଲେ। ସୋମବାର ତାଙ୍କ ଘର ଗ୍ରୀଲ ତାଲା ଭଙ୍ଗା

### ନିମଖଣ୍ଡି ଥାନାଞ୍ଚଳରେ ଲୁଟେରା ମାତିଲେ

### ଟାର୍ଗେଟ ତାଲାବନ୍ଦ ଘର, ଲୁଟିଲେ ୨୫ ଭରି ଅଳଙ୍କାର



ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଉଛି।

ଯାଇଥିବା ନେଇ ସମ୍ମୁଖରେ ରହୁଥିବା ଲୋକେ ତାଙ୍କୁ ଜଣାଇଥିଲେ। ଖବର ପାଇ ଅଜିତ ଘରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ ସେ ଘରକୁ ଯାଇ ଦେଖିବା ବେଳେ ଆଲମୀରା ଭଙ୍ଗା ଯାଇଥିଲା। ସେଥିରେ ଥିବା ପ୍ରାୟ ୧୦୦ ଗ୍ରାମ ସୁନା ଅଳଙ୍କାର ଓ ନଗଦ ୧୦ ହଜାର ଟଙ୍କା ନଥିଲା। ସେହିପରି ଆଲମୀରାରେ ଥିବା ଅନ୍ୟାନ୍ୟ ସାମଗ୍ରୀ ଘର ଭିତରେ ଫିଙ୍ଗା ଫୋପାଡା ହୋଇ ପଡିଥିଲା। ଏନେଇ ଅଭିଯୋଗ ପରେ ପୋଲିସ ନଂ.୨୨୮/୨୪ ରେ ଏକ ମାମଲା ରୁଜୁ କରିଛି। ସାଇଣ୍ଟଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ଏକ ଟିମ ଗଠନ କରିଛି। ପୂର୍ବରୁ ଗତ ୧୪ ତାରିଖରେ ଉକ୍ତ ଥାନା ଅନ୍ତର୍ଗତ ଶ୍ରୀମାନଗର ଷଷ୍ଠ ଲେନରେ ରହୁଥିବା ଦ୍ୱୀତିକୃଷ୍ଣ ସାହୁଙ୍କ ତାଲା ବନ୍ଦ ଘରୁ ୧୫ ଭରି ଗହଣା, ନଗଦ ଏକ ଲକ୍ଷ ଟଙ୍କା ଓ ୫୦ ଭରି ରୁପା ଅଳଙ୍କାର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୨୬/୨୪ରେ ଏନେଇ ଏକ ମାମଲା ରୁଜୁ କରିଥିଲା। ଉକ୍ତ ଦୁଇଟି ଲୁଟଘଟଣାରେ ପୋଲିସକୁ ଏଯାବତ କୌଣସି ସଫଳତା ମିଳିପାରିନାହିଁ।

## ପୁଞ୍ଜିଭୂତ ଅଶାନ୍ତିରୁ ଯୁବକଙ୍କୁ ହତ୍ୟା ଉଦ୍ୟମ:୪ ଗିରଫ

### ଖଣ୍ଡା ଜବତ, ମୁଖ୍ୟ ଅଭିଯୁକ୍ତ ଫେରାର




ଗିରଫ ଅଭିଯୁକ୍ତମାନେ।

ବ୍ରହ୍ମପୁର, ୨୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ପୋଲିସ ଏକ ହତ୍ୟା ଉଦ୍ୟମ ଘଟଣାରେ ସମ୍ପୃକ୍ତ ଥିବା ୪ ଯୁବକଙ୍କୁ ସୋମବାର ବାନ୍ଧିଛି। ସେମାନେ ହେଲେ ଗୁଣ୍ଠବନ୍ଧର ରାଜେଶ ବିଷୋୟୀ ଓରଫ ସାଗର(୨୫) , ରାଜେଶ କୁମାର ଜେନା ଓରଫ ରକି(୨୬), ଶତ୍ରୁଘନ ଗୌଡ଼ ଓରଫ ରାଙ୍ଗା (୨୫) ଓ କାହ୍ନୁ ବିଷୋୟୀ ଓରଫ ମାଛି(୨୪)। ପୋଲିସ ଗୋଟିଏ ଖଣ୍ଡା, ରକ୍ତଭିଜା କପଡା ଓ ଘଟଣା ସ୍ଥଳରୁ ହଳେ ଚପଲ ଜବତ କରିଛି। ସେମାନଙ୍କୁ ସୋମବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ଜାମିନ ନାମଞ୍ଜୁର ପରେ ୪ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାର ମାଷ୍ଟର ମାଇଣ୍ଡ ଗୁଞ୍ଜନ ଜେନା ଫେରାର ଥିବା ପୋଲିସ କହିଛି। ପୁଞ୍ଜିଭୂତ ଅଶାନ୍ତିରୁ ରବିବାର ସନ୍ଧ୍ୟାରେ ସଂଜୟ ଜେନାଙ୍କୁ ଅପର ଗୋଷ୍ଠୀର ଉପରୋକ୍ତ ଅଭିଯୁକ୍ତମାନେ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ଗତ ଜୁନ ମାସରେ ଗୁଞ୍ଜନ ଜେନାଙ୍କୁ ସଞ୍ଜୟ ଓ ତାଙ୍କ ଗୋଷ୍ଠୀର କିଛି ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ବଜାର ପୋଲିସ ସଂଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସଞ୍ଜୟ ତିନିଦିନ ତଳେ ବ୍ରହ୍ମପୁର ମଣ୍ଡଳକାରାଗାରରୁ ଜାମିନରେ ମୁକୁଳିଥିଲେ ବୋଲି ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ରବିବାର ସଞ୍ଜୟ ଗାଁ ମୁଣ୍ଡରେ ଠିଆ ହୋଇଥିବା ବେଳେ ପୂର୍ବ ଯୋଜନା ମୁତାବକ ଗୁଞ୍ଜନ ଗୋଷ୍ଠୀର ୫ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ତାଙ୍କ ସହ ଝଗଡା କରିଥିଲେ। ପରେ ସେମାନେ ସଞ୍ଜୟଙ୍କ ଉପରେ ବିଭିନ୍ନ ମାରଣାସ୍ତ୍ରରେ ସଂଘବଦ୍ଧ ଭାବେ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସଞ୍ଜୟଙ୍କ ବୟାନ ଅନୁସାରେ ପୋଲିସ ନଂ.୨୭୩/୨୪ରେ ଏକ ମାମଲା ରୁଜୁ କରିଥିଲା। ସଞ୍ଜୟ ବର୍ତ୍ତମାନ ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ରବିବାର ରାତ୍ର ଘଟଣା ପରେ ଫେରାର ରହି ବିଭିନ୍ନ ସ୍ଥାନରେ ଲୁଚି ରହିଥିବା ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଥିବା କହିଛି।

## ଭିଏତନାମ ପରିଭ୍ରମଣକାରୀଙ୍କୁ ଇସ୍କଫ ତରଫରୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨୬।୮(ସ୍ୱାଧୀନ ଶେଖର ପାଢ଼ୀ)

ଗତ ଜୁଲାଇ ୨୧ ରୁ ୨୭ ଯାଏଁ ଇଣ୍ଡିଆନ ସୋସାଇଟି ଫର୍ କଲଚୁରାଲ ଆଣ୍ଡ କୋପରେସନ ଫ୍ରେଣ୍ଡସିପ (ଇସ୍କଫ) ତରଫରୁ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ୭ ଜଣଙ୍କୁ ଇସ୍କଫ ଓଡିଶା ଶାଖା ତରଫରୁ କଟକ ବାରବାଟି ଷ୍ଟାଡିୟମ ପରିସରର ଇସ୍କଫ କାର୍ଯାଳୟରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ବର୍ଷିଆନ ଶିକ୍ଷକ ନେତା ତଥା ଓଷ୍ଟାର ପୂର୍ବତନ ସାଧାରଣ ସଂପାଦକ ବିବେକାନନ୍ଦ ଦାଶଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିଲା। ସର୍ବ ଭାରତୀୟ ଇସ୍କଫ ସଂଗଠନର ସାଧାରଣ ସମ୍ପାଦକ ବିଜୟ ଚନ୍ଦ୍ର ପଢିଆରୀ ସଂଗଠନର ଉଦ୍ଦେଶ୍ୟ ଜ୍ଞାପନ ସହ ଭିଏତନାମ ପରିଭ୍ରମଣ ଭାରତ ଓ ଭିଏତନାମ ମଧ୍ୟରେ ସାଂସ୍କୃତିକ ଓ ସାମାଜିକ ବିକାଶ ଏବଂ ବିନିମୟ ପାଇଁ ଏକ ବଳିଷ୍ଠ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଗଂଜାମର ଦୁଇ ଶିକ୍ଷକ ନେତା କାମରାଜୁ ମହାରଣା ଓ ଅଶୋକ କୁମାର ଦଳାଇଙ୍କ ସମେତ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ପ୍ରଫେସର ଡକ୍ଟର ଦୁଷ୍ମନ୍ତ କୁମାର ନାୟକ, ସାର୍ଥକ ନାୟକ, ଅଭୟ କୁମାର ରାଉତ, ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ମଞ୍ଜୁଲତା ପତି ଭିଏତନାମ ଭ୍ରମଣର ଅନୁଭୂତି ବର୍ଣ୍ଣନା କରିଥିଲେ। ବିଶେଷ କରି ଦୀର୍ଘ ଦିନରୁ ଦୁଇଦେଶ ମଧ୍ୟରେ ଥିବା ସମ୍ପର୍କ, ଭିଏତନାମ ନାଗରିକମାନଙ୍କର ଆତିଥ୍ୟ, କଷ୍ଟ ସହିଷ୍ଣୁତା, ସଚ୍ଚୋଟତା ଉପରେ ପ୍ରତିନିଧି ବୃନ୍ଦ ଆଲୋକପାତ କରିଥିଲେ।

# ବିଭିନ୍ନ ଅନୁଷ୍ଠାନରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ



ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛୋଟ ଶିଶୁଙ୍କ ରାଧା କୃଷ୍ଣ ବେଶ।

ବ୍ରହ୍ମପୁର,୨୬।୮(ସ୍ମୃତି ରଞ୍ଜନ ମହାଲିକ/ସ୍ୱାଧୀନ ଶେଖର ପାଢ଼ୀ)- ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ ହୋଇଛି। ଛୋଟ ଶିଶୁମାନେ ରାଧା କୃଷ୍ଣ, ବଳରାମ ଓ ଗୋପୀ ବେଶ ଧାରଣ କରିଥିଲେ। ବିଦ୍ୟାଳୟ ମଧ୍ୟରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଗୋକୁଳଧାମ ମନ୍ଦିରକୁ ବେଶଧାରୀ ଶିଶୁମାନେ ଯାଇ ପୂଜାର୍ଚ୍ଚନା କରିଥିଲେ। ଅତିଥି ରୂପେ ଶିକ୍ଷା ବିକାଶ ସମିତିର ସରୋଜ କୁମାର ପଟ୍ଟନାୟକ, ଅରୁଣ କୁମାର ବାଗ ଓ ଦେବେନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରବଚିକା ମମତା ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ସ୍କୁଲ ପରିଚାଳନା ସମିତି ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ପ୍ରଦୀପ କୁମାର ଦାଶ ଆଶୀର୍ବଚନ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ମଞ୍ଜୁଲତା ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆଚାର୍ଯ୍ୟାଆଚାର୍ଯ୍ୟ ସହଯୋଗ କରିଥିଲେ।

### ଗଜପତିନଗର ଶିଶୁ ବିଦ୍ୟା ମନ୍ଦିର



ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ମାତୃ ସମ୍ମିଳନୀ ଓ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରାମ ପ୍ରସାଦ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଉପସଭାପତି ଗୀତାଞ୍ଜଳି ସାହୁ, ସୁପ୍ରଭା ପାତ୍ର, ସଂପାଦକ ଅନ୍ତର୍ଯ୍ୟାମୀ ଗୌଡ, ସହ ସଂପାଦକ ଜି. ଶ୍ରୀନିବାସ ଆଚାରୀ, କୋଷାଧ୍ୟକ୍ଷ ତରୁଣ କୁମାର ପାଢି ଓ ସଦସ୍ୟା ସରିତା କୁମାରୀ ସାହୁ ଯୋଗ ଦେଇଥିଲେ। ଆଚାର୍ଯ୍ୟା ଇନ୍ଦିରା ମିଶ୍ର ଅତିଥି ପରିଚୟ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶ୍ରୀକୃଷ୍ଣ ବେଶଧାରୀଙ୍କୁ ନେଇ ଦହି ହାଣ୍ଡି ଭଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ସୁନ୍ଦର ହୋଇଥିଲା। ଆଚାର୍ଯ୍ୟା ପ୍ରଣିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ସହଯୋଗ କରିଥିଲେ।

### ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର

ଲାଂଜିପଲ୍ଲୀସ୍ଥ ବରିଷ୍ଠ ନାଗରିକ ମଂଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ସଂଘର ଉପଦେଷ୍ଟା କେ. କ୍ରୀଷ୍ଣା ରାଓ କର୍ତ୍ତା ଏବଂ ସଭାପତି ପ୍ରଫେସର ଭାସ୍କର ପାଢ଼ୀ ପୁରୋହିତ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଶାନ୍ତନୁ କୁମାର ମିଶ୍ର, ରମେଶ ଚନ୍ଦ୍ର ମହାନ୍ତି, କଂଗ୍ରେସ ସାହୁ, ମନୋଜ କୁମାର ବେହେରା, ଲବ କୁମାର ମହାପାତ୍ର, ସତ୍ୟବାଦୀ ମହାରଣା, ପ୍ରମୋଦ ମିଶ୍ର, ଇଂ ବାସୁଦେବ ସାହୁ, ବିଭୂତି ଭୂଷଣ ବେହେରା, ଗୌରାଙ୍ଗ ଚରଣ ପାଣିଗ୍ରାହୀ, ପ୍ରଫୁଲ୍ଲ ପାତ୍ର, ହରିବଂଧୁ ବେହେରା, ସୁଜନ ଶୁକ୍ଳ, ଶିବରାମ ପାଣିଗ୍ରାହୀ, ଦୁଃଖୀଶ୍ୟାମ ବେହେରା, ବିଶ୍ୱନାଥ ପଣ୍ଡା, କେ ରାମଚନ୍ଦ୍ର ପାତ୍ର, କବିରାଜ ସାହୁଙ୍କ ସମେତ ପ୍ରାୟ ଅର୍ଦ୍ଧଶତାଧିକ ସଭ୍ୟ ଉପସ୍ଥିତ ରହି ଶ୍ରୀକୃଷ୍ଣଙ୍କ ପ୍ରାର୍ଥନା, ଭଜନ ସହ ଉଦଣ୍ଡ କୀର୍ତ୍ତନ କରିଥିଲେ। ଆଖପାଖ ଅଞ୍ଚଳର ବହୁ ଲୋକ ଏଥିରେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥି ସହିତ କ୍ଳବର ବହୁ ସଦସ୍ୟ ଏଥିରେ ଯୋଗଦେଇ ଶୃଙ୍ଖଳିତ ଭାବେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ଏଥି ସହିତ ସହରର ଅନେକ ମଠ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ସମାରୋହର ସହ ପାଳିତ ହୋଇଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀର ମାହୋଲ ଜମିଛି।

## ବୃକ୍ଷରୋପଣ ସହ ରକ୍ତଦାନ କଲେ



ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

ବ୍ରହ୍ମପୁର, ୨୬।୮(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡି ବ୍ଲକ ପାଣ୍ଡିଆଝୋଳି ଗ୍ରାମରେ ଘାଟିପାରି ବିକାଶ ପରିଷଦ ଓ ଏକ କ୍ଲବ ପକ୍ଷରୁ ମିଳିତ ଭାବେ ବୃକ୍ଷରୋପଣ ସହ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ସହ ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ କରାଯାଇଥିଲା ବୋଲି ରୋହିଗାଁ ସରପଞ୍ଚ ବଶିଷ୍ଠ ଜେନା କହିଛନ୍ତି। ଗ୍ରାମାଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବା ସହ ରକ୍ତଦାନ ଏକ ମହତ ଦାନର ବିଶେଷକୁ ନେଇ ଏହା ଅନୁଷ୍ଠିତ ହୋଇଥିଲା। ଗାଁ ପାଇଁ ଜଙ୍ଗଲ ଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ୧୦୫ ବୃକ୍ଷ ରୋପଣ କରାଯାଇଥିବା ବେଳେ ଅନ୍ୟପଟେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏମକେସିଜି ରକ୍ତଭଣ୍ଡାରର ଡାକ୍ତର ମନୋଜ କୁମାର ଟୁଡୁ ଓ କର୍ମଚାରୀ ଏହାକୁ ପରିଚାଳନା କରିଥିଲେ। ସଦରଥାନା ଏସଆଇ ପ୍ରଦୀପ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଏଥିରେ କ୍ଲବର ସଭାପତି ଜୟନ୍ତ କିଶୋର ପାତ୍ର, ଏ. ନନ୍ଦକିଶୋର, ସାଗର ପାତ୍ର, ଘାଟିପାରି ବିକାଶ ପରିଷଦ ସଭାପତି ରବୀନ୍ଦ୍ରନାଥ ରାଉତ, ଲଳିତ ମୋହନ ବିଶୋଇ, ଧର୍ମରାଜ ପାତ୍ର, ବଳରାମ ପାତ୍ର, ଟୁକୁନା ଖଟେଇ, ଭଗବାନ ବିଶ୍ୱାଳ, କେଦାର ଖଟେଇ, ଗୋପାଳକୃଷ୍ଣ ପାଢ଼ୀ, ସୁଶାନ୍ତ ଜେନା, ଜଗନ୍ନାଥ ପାତ୍ର, କାମନା ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।

## ଋଣବୋଝ ଅସହ୍ୟ ହେଲା, ରଶି ଲଗାଇ ଝୁଲିପଡ଼ିଲେ ଯୁବକ

ବ୍ରହ୍ମପୁର, ୨୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ହରିଡାଖଣ୍ଡିସ୍ଥିତ ଲକ୍ଷ୍ମୀନୃସିଂହ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଋଣବୋଝ ଅସହ୍ୟ ହେବାରୁ ଜଣେ ସାଇକେଲ ମରାମତି କରୁଥିବା ଯୁବକ ନିଜ ଗ୍ୟାରେଜ ଭିତରେ ବେକରେ ରଶି ଲଗାଇ ଝୁଲପଡିଛନ୍ତି। ମୃତକ ହେଲେ ରାମକୃଷ୍ଣ ମହାରଣା (୫୦)। ପୋଲିସ ମୃତଦେହ ଜବତ କରି ନଂ.୩୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଋଣବୋଝ ଯୋଗୁ ରାମକୃଷ୍ଣ ଏଭଳି ପଦକ୍ଷେପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ସେ ଟଙ୍କା ଧାର ଆଣି କୌଣସି ଖେଳରେ ବ୍ୟାଟିଂ କରି ବହୁତ ଟଙ୍କା ହାରିଥିବା ନେଇ ସ୍ଥାନୀୟ ଲୋକେ କହୁଛନ୍ତି। ରାମକୃଷ୍ଣ ହରିଡାଖଣ୍ଡି ଛକରେ ସାଇକଲ ମରାମତି ଗ୍ୟାରେଜ କରିଥିଲେ। ଅଞ୍ଚଳର କିଛି ଲୋକଙ୍କ ଠାରୁ ସେ ଟଙ୍କା ଧାର ଆଣିଥିଲେ। ଠିକ ସମୟରେ ସେ ଟଙ୍କା ଶୁଝି ପାରିନଥିଲେ। ଏଣୁ ଟଙ୍କା ଋଣ ଦେଇଥିବା ଲୋକମାନେ ତାଙ୍କ ଘର ନିକଟକୁ ଆସି ବାରମ୍ବାର ଟଙ୍କା ଫେରାଇବା ପାଇଁ ବାଧ କରୁଥିଲେ। ଏଣୁ ରାମକୃଷ୍ଣ ଅଧିକାଂଶ ସମୟ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ସୋମବାର ସକାଳେ ପ୍ରତିଦିନ ଭଳି ସେ ତାଙ୍କ ସାଇକଲ ଗ୍ୟାରେଜ ଆସିଥିଲେ। ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଗ୍ୟାରେଜକୁ ସାଇକଲ ମରାମତି ପାଇଁ ଆସିଥିବା ଲୋକମାନେ ଭିତର ପଟୁ କବାଟ ବନ୍ଦ ଦେଖି ସନ୍ଦେହରେ ରାମକୃଷ୍ଣଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକ ପହଞ୍ଚି କବାଟ ଭାଙ୍ଗିବା ପରେ ସେ ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ୧୫୦୦ ଲିଟର ମଦ ଜବତ, ଅଭିଯୁକ୍ତ ଫେରାର

ଖଲ୍ଲିକୋଟ,୨୬।୮(ପ୍ରଶାନ୍ତ କୁମାର ମିଶ୍ର)- ଖଲ୍ଲିକୋଟ ପୋଲିସ ସୋମବାର ସକାଳୁ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ନିର୍ମଳଝର ଛକଠାରେ ଏକ କାର ସହ ସହ ୧୫୦୦ ଲିଟ ଦେଶ ମଦ ଜବତ କରିଛି। ଉକ୍ତ କାରଟି ଯାଉଥିବା ବେଳେ ପୋଲିସ ସନ୍ଦେହ କରି ପିଛା କରିଥିଲା। ପୋଲିସ ପିଛା କରୁଥିବା ଜାଣିପାରି ଅଭିଯୁକ୍ତମାନେ ବ୍ରହ୍ମପୁର ରାସ୍ତାରେ କାରଟିକୁ ଛାଡି ଦେଇ ଚମ୍ପଟ ମାରିଥିଲେ। ପୋଲିସ ପହଞ୍ଚି ଦେଖିବା ବେଳକୁ କାର ଭିତରେ ମଦ ବସ୍ତା ଭର୍ତ୍ତିହୋଇ ରହିଥିଲା। ପୋଲିସ କାର ସହ ମଦକୁ ଜବତ କରିଥିଲା। ଖଲ୍ଲିକୋଟ ଥାନା ପରିସରରେ ଆଇଆଇସି ନରେଶ କୁମାର ସାହୁଙ୍କ ଉପସ୍ଥିତିରେ ଛତ୍ରପୁର ଏସଡିପିଓ ଗୌରହରୀ ସାହୁ ଏ ସମ୍ପର୍କରେ ସୂଚନା ଦେଇଥିଲେ।

## ଗଜପତି ନଗରରେ କୃତ୍ରିମ ବନ୍ୟା ସମସ୍ୟା ସମାଧାନ ଦାବି



ଗଜପତିନଗରରେ ଥିବା ମୁକୁଳା ଡ୍ରେନ୍।

ବ୍ରହ୍ମପୁର,୨୬।୮(ସ୍ମୃତି ରଞ୍ଜନ ମହାଲିକ)

ସାମାନ୍ୟ ବର୍ଷା ହେଲେ ସହରର ଗଜପତି ନଗର ଅଂଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ବାସିନ୍ଦାଙ୍କ ଘରେ ପାଣି ପଶୁଛି। ଦୀର୍ଘବର୍ଷ ହେଲା ଏହି ସମସ୍ୟା ଲାଗି ରହିଥିଲେ ବି ବିଏମସି ପକ୍ଷରୁ ପ୍ରତିକାର କରାଯାଉନାହିଁ ବୋଲି ମାନବ ଅଧିକାର ସୁରକ୍ଷା ମଂଚ ଅଭିଯୋଗ କରିଛି। ବର୍ଷା ପୂର୍ବରୁ ମୁକୁଳା ଡ୍ରେନ ଉପରେ ପ୍ଲେଟ ଓ ସତର୍କ ସୂଚନା ଫଳକ ଲଗାଇବା ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ବି ବିଏମସି କରିନଥିଲା। ତେଣୁ ଗତ ୨୧ ତାରିଖ ଲକ୍ଷ୍ମୀ ନୃସିଂହ ସାହିର ଏକ ମୁକୁଳା ଡ୍ରେନରେ ଭାସିଯାଇ ସାଇରାମ ପାତ୍ର ନାମକ ଜଣେ ୧୧ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟିଲା ବୋଲି ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲିକ ଅଭିଯୋଗ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆନ୍ଧ୍ର ମାର୍କେଟଠାରୁ ଚକ୍ର ନଳା, ଧାନମେରା ସାହିଠାରୁ ନୀଳାଦ୍ରି ବିହାର, ଅଯୋଧ୍ୟା ନଗରଠାରୁ ଜୟପ୍ରକାଶ ନଗର, ଜୟପ୍ରକାଶ ନଗରରୁ ବାହାନା ନାଳ ଓ ବିଦ୍ୟୁତପୁରୀ କଲୋନୀରୁ ବାହାନା ନାଳ ପର୍ଯ୍ୟନ୍ତ ୫ ଭୂତଳ ଡ୍ରେନ ନିର୍ମାଣ ପାଇଁ ଯୋଜନା ଥିଲା। ୨୦୧୭-୧୮ରେ ପ୍ରାୟ ୧୯ କୋଟି ଟଙ୍କା ମଂଜୁର ହୋଇଥିଲା। ଏଥିମଧ୍ୟରୁ ୩ କାର୍ଯ୍ୟ ହୋଇଥିଲେ ସୁଦ୍ଧା ଅଯୋଧ୍ୟା ନଗରରୁ ଜୟ ପ୍ରକାଶ ନଗର ଓ ଜୟ ପ୍ରକାଶ ନଗରରୁ ବାହାନା ନାଳ କାର୍ଯ୍ୟ ହୋଇପାରି ନାହିଁ । ଯଦ୍ୱାର ବର୍ଷାରେ ଗଜପତିନଗରଠାରେ କୃତ୍ରିମ ବନ୍ୟା ଉପୁଜୁଛି। ଏ ନେଇ ମଂଚର ସଭାପତିଙ୍କ ପକ୍ଷରୁ ଗତ ୨୦୨୨ ମାର୍ଚ୍ଚ ୪ ତାରିଖରେ ହାଇକୋର୍ଟରେ ଏକ ଜନ ସ୍ୱାର୍ଥ ମାମଲା ଦାଖଲ କରାଯାଇଥିଲା। ଅଭିଯୋଗକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ହାଇକୋର୍ଟ ବିଏମସିକୁ ନିର୍ଦ୍ଦେଶ ଦେଇଥିଲେ। ୨ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ସମସ୍ୟାର ସମାଧାନ ହୋଇପାରି ନାହିଁ। ଏଣୁ ମୁକୁଳା ଡ୍ରେନରେ ପ୍ଲେଟ ସହ ଗଜପତିନଗରରେ କୃତ୍ରିମ ବନ୍ୟା ସମସ୍ୟାର ସମାଧାନ ପାଇଁ ମଂଚ ଦାବି କରିଛି।

# କଲବଲ କରୁଛି ମଶା: ଜିଲାରେ ୪୫୯ ରୋଗାକ୍ରାନ୍ତ

ବ୍ରହ୍ମପୁର,୨୬।୮(ସୁବାସ ଚନ୍ଦ୍ର ପାଢ଼ୀ)

ବର୍ଷା ଦିନେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବା ସ୍ୱାଭାବିକ। ତେବେ ବିଭିନ୍ନ ସ୍ଥାନରେ ପରିବେଶରେ ସ୍ୱଚ୍ଛତା ଅଭାବ ଯୋଗୁ ମଶା ଲୋକଙ୍କୁ କଲବଲ କରୁଛି। ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ ଆଦି ମଶାଙ୍କ ଯୋଗୁ ହେଉଛି। ଚଳିତବର୍ଷ ଜିଲାରେ ମଶା କାମୁଡାରେ ଜିଲାରେ ଅଗଷ୍ଟ ମାସ ସୁଦ୍ଧା ୪୫୯ ଜଣ ରୋଗାକ୍ରାନ୍ତ ହୋଇପଡିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗରୁ ଜଣାପଡିଛି ଯେ, ଅଗଷ୍ଟ ସୁଦ୍ଧା ଡେଙ୍ଗୁ ପାଇଁ ୧୫୪୮ ରକ୍ତ ନମୂନା ସଂଗ୍ରହ ହୋଇଥିବାବେଳେ ୪୫ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜିଲାର ହୋଇଥିବାବେଳେ ଅନ୍ୟମାନେ ଅନ୍ୟ ରାଜ୍ୟରୁ ଆକ୍ରାନ୍ତ ହୋଇ ଜିଲାକୁ ଆସିଛନ୍ତି। ସେହିଭଳି ମ୍ୟାଲେରିଆରେ ୨୯ଲକ୍ଷ ୯ ହଜାର ୩୬୫ ଲୋକଙ୍କ ରକ୍ତ ନମୂନା ସଂଗ୍ରହ ହୋଇଥିବାବେଳେ ୩୨୩ ଜଣଙ୍କ ପଜିଟିଭ ଆସିଛି। ସେହିପରି ଫାଇଲେରିଆ ୨୦ ହଜାର ୭୨ଜଣଙ୍କ ରକ୍ତ ନମୂନା ସଂଗ୍ରହ ହୋଇଥିବାବେଳେ ୯୧ ପଜିଟିଭ ଆସିଛି। ତେବେ ଏ ସମସ୍ତ ରୋଗ ମଶା ଯୋଗୁ ହୋଇଥିବା ସ୍ପଷ୍ଟ ହୋଇଛି। ତେଣୁ ମଶା ପ୍ରାୟ ସମସ୍ତ ରୋଗର ବାହକ। ଏଥିପ୍ରତି ସଚେତନ ହେବା ଦରକାର ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ମଶା ଭଳି ରୋଗବାହକ ପ୍ରତି ସମସ୍ତେ ସଚେତନ ରହିଲେ ବହୁ ରୋଗରୁ ଆମକୁ ରକ୍ଷା ମିଳିବ ବୋଲି ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ କୁମାର ପାଢ଼ୀ କହିଛନ୍ତି। ନ୍ୟାସନାଲ ସେଣ୍ଟର ଫର ଭେକ୍ଟର ବର୍ଣ୍ଣ ଡିଜିଜ କଣ୍ଟ୍ରୋଲର ତଥ୍ୟ ଅନୁସାରେ ଓଡ଼ିଶାରେ ୨୦୨୩ରେ ପ୍ରାୟ ୪୨ ହଜାର ଲୋକ ମ୍ୟାଲେରିଆର ଶୀକାର ହୋଇଥିଲେ। ୨୦୩୦ ସୁଦ୍ଧା ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ବିଲୋପ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ୨୦୨୭ ସୁଦ୍ଧା ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ବିଭାଗ ସ୍ତରରେ ଉଦ୍ୟମ ଜାରି ରହିଛି। ମ୍ୟାଲେରିଆର କିଡନୀ ନଷ୍ଟ କଲା ଭଳି କ୍ଷମତା ରହିଛି। ଖାଲି ମ୍ୟାଲେରିଆ ନୁହେଁ ଏଡିସ ମଶା କାମୁଡିଲେ ଡେଙ୍ଗୁ ଜ୍ୱର ହୋଇଥାଏ। ଏହି ରୋଗ ଶରୀରର ବ୍ଲୁ ସେଲକୁ ଖରାପ କରିଥାଏ। ସେହିପରି ଚିକେନଗୁନିଆ ମଧ୍ୟ ମଶାଜନିତ ଭାଇରାଲ ରୋଗ। ଏହି ରୋଗ ହେଲେ ଜ୍ୱର, ଆଣ୍ଠୁଗଣ୍ଠି ବିନ୍ଧା ସହ ମାଂସପେଶୀରେ ପିଡ଼ା ହୋଇଥାଏ। ଏନ୍ସେଫେଲାଇଟିସ, କ୍ୟୁଲେକ୍ସ ପ୍ରଜାତିର ମଶା କାମୁଡିବା ଦ୍ୱାରା ରୋଗୀଙ୍କୁ ଅଧିକ ଜ୍ୱର ହେବା ସହିତ ବ୍ରେନ ନଷ୍ଟ କରିଦେଇଥାଏ । ସେହିପରି ଫାଇଲେରିଆ ବିଭିନ୍ନ ପ୍ରକାର ମଶାଙ୍କ ଦ୍ୱାରା ହୋଇଥାଏ । ଏକ ଗବେଷଣାରୁ ଜଣାପଡିଛି ଯେ, ଯେଉଁ ରକ୍ତରେ ଅଧିକମାତ୍ରାର ପ୍ରୋଟିନ ଥାଏ ସେହି ମନୁଷ୍ୟକୁ ମଶା ଅଧିକ କାମୁଡିଥାଏ । ମଶାମାନେ ଅନ୍ୟ ବ୍ଲଡଗ୍ରୁପ ତୁଳନାରେ 'ଓ' ବ୍ଲଡଗ୍ରୁପର ଲୋକମାନଙ୍କୁ ଅଧିକ କାମୁଡିଥାନ୍ତି । ବିଶେଷକରି ମଶାମାନଙ୍କ ଦ୍ୱାରା ହେଉଥିବା ରୋଗ ଗୁଡିକର ଆରମ୍ଭ ବର୍ଷା ଦିନରେ ହୋଇଥାଏ। ଏହି ସମୟରେ ମଶାମାନେ ଜନ୍ମନେଇଥାନ୍ତି। ଏହା ବ୍ୟତୀତ ଘର ପାଖରେ ଜମିଥିବା ପାଣି ଯୋଗୁ ମଧ୍ୟ ମଶାମାନଙ୍କ ସଂଖ୍ୟା ବୃଦ୍ଧି ହେଇଥାଏ । ମଶା ଦାଉରୁ ରକ୍ଷା ପାଇଁ ପରିବେଶ ରଖିବା ସହିତ ମଶାରି ଟାଙ୍ଗି ଶୋଇବା ଆବଶ୍ୟକ । ସେହିପରି ଘରେ ନିମ୍ବ ପତ୍ରର ଧୂଁଆ କରିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

